୨୩ ଅଗଷ୍ଟ ୨୦୨୬ ରବିବାର







ଭାରତରେ ଯୁବପିଢ଼ିଙ୍କ ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଉ କେବଳ ଏକ ପ୍ରଯୁକ୍ତିବିଦ୍ୟାର କାହାଣୀ ହୋଇ ରହିନାହିଁ, ବରଂ ଏହା କ୍ୟାରିୟରରେ ତିଷ୍ଠି ରହିବାର ଏକ ସଂଗ୍ରାମ ସାଜିଛି । ବିଭିନ୍ନ କ୍ଷେତ୍ରରେ ଏଆଇର ବ୍ୟବହାର ଧୀରେଧୀରେ ବଢିଚାଲିଛି, ବିଶେଷଭାବେ ଶିକ୍ଷା କ୍ଷେତ୍ରରେ । କଲେଜ ଛାତ୍ରଛାତ୍ରୀମାନେ କଲେଜରେ ବିଭିନ୍ନ ପାରମ୍ପରିକ କୋର୍ସ ବଦଳରେ ଏଆଇ କୋର୍ସକୁ ଚୟନ କରୁଛନ୍ତି । ସେହିଭଳି କ୍ୟାମ୍ପସ୍ ପ୍ଲେସମେଣ୍ଟ ପୂର୍ବରୁ ଏଆଇ - ଚାଳିତ ମକ୍ ଇଣ୍ଟରଭ୍ୟୁ ଅଭ୍ୟାସ କରୁଥିବା ଦେଖିବାକୁ ମିଳୁଛି । ଶିକ୍ଷା କ୍ଷେତ୍ରରେ ଏହି ତାଲିକା ଅନେକ ରହିଛି, ଯାହାର ଡିମାଣ୍ଡ ଦେଖିବାକୁ ମିଳୁଛି । କମର୍ସ ଗ୍ରାଜୁଏଟ୍‌ମାନେ ପ୍ରମ୍ପ୍ଟ ଇଞ୍ଜିନିୟରିଂ ଶିଖୁଛନ୍ତି ଏବଂ ଏଚଆର ଆଶାୟୀମାନେ ନିଯୁକ୍ତି କୌଶଳରେ ସୁଧାର ଆଣିବା ପାଇଁ ଏଆଇ ଆସେସମେଣ୍ଟ ଗ୍ରହଣ କରୁଛନ୍ତି ।

## ଧୀରେଧୀରେ ଏଆଇର ବ୍ୟବହାର ଆମ ଦୈନନ୍ଦିନ ଜୀବନରେ ବଢିଚାଲିଛି । ବିଭିନ୍ନ କ୍ଷେତ୍ରରେ ଏହା ଉପରେ ନିର୍ଭର ବଢି ଚାଲିଛି । ତେବେ କେବଳ ଦୈନନ୍ଦିନ ବ୍ୟବହାର ନୁହେଁ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏହା ସମସ୍ତଙ୍କର ପ୍ରଥମ ପସନ୍ଦ ପାଲଟିଛି । ବିଭିନ୍ନ ଟ୍ରାଡିସନାଲ କୋର୍ସ ଅପେକ୍ଷା ଏଆଇକୁ ଶିକ୍ଷାର୍ଥୀମାନେ ଚୟନ କରୁଛନ୍ତି, ଯାହା ଏହାର ଚାହିଦା ବଢାଇ ଚାଲିଛି ।


ଏପରିକି ସ୍କୁଲ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏଆଇ ଏବଂ କମ୍ପ୍ୟୁଟେସନାଲ ଚିନ୍ତାଧାରା ସହ ପରିଚିତ କରାଯାଉଛି । ତେଣୁ ଭାରତ ବର୍ତ୍ତମାନ ଏକ ସମ୍ପୂର୍ଣ୍ଣ ଏଆଇ ଶିକ୍ଷା ଆଡ଼କୁ ଦ୍ରୁତ ଗତିରେ ଆଗେଇ ଚାଲିଛି । ସାମ୍ନାକୁ ଆସିଥିବା ଅନେକ ରିସର୍ଚ୍ଚରୁ ଏହି ବଡ଼ ପରିବର୍ତ୍ତନ ସମ୍ପର୍କରେ ସ୍ପଷ୍ଟ ଜଣାପଡୁଛି । ଏଭଳି ଅନେକ ପ୍ଲାଟଫର୍ମ ରହିଛି ଯେଉଁଠାରେ ଲକ୍ଷଲକ୍ଷ ଲୋକ ଅନଲାଇନ ଏଆଇ କୋର୍ସରେ ନାମ ଲେଖାଉଥିବା ଦେଖିବାକୁ ମିଳୁଛି । ସେହିଭଳି ଏକ ପ୍ଲାଟଫର୍ମ ହେଲା କୋର୍ସେରା , ଯେଉଁଥିରେ ଭାରତର ୩୪.୨ ନିୟୁତ ଶିକ୍ଷାର୍ଥୀ ରହିଛନ୍ତି । ଭାରତରେ ଶିକ୍ଷାର୍ଥୀ ସଂଖ୍ୟାରେ ବାର୍ଷିକ ୨୧ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି । ୨୦୨୩ ମସିହାରେ ପ୍ରତି ଚାରି ମିନିଟ୍‌ରେ ଜଣେ ଜେନେରେଟିଭ୍ ଏଆଇ କୋର୍ସରେ ନାମ ଲେଖାଉଥିବା ବେଳେ ବର୍ତ୍ତମାନ ପ୍ରତି ମିନିଟ୍‌ରେ ତିନି ଜଣ ଭାରତୀୟ ଏଥିରେ ନାମ ଲେଖାଉଥିବା ଜଣାପଡିଛି । କ୍ୟାମ୍ପସ୍ ଏବଂ କାର୍ଯ୍ୟକ୍ଷେତ୍ରରେ ଏଆଇକୁ ଆଉ ଏକ ବିକଳ୍ପ ଦକ୍ଷତା ଭାବେ ନୁହେଁ, ବରଂ ଚାକିରି







ପାଇଁ ଏକ ମୌଳିକ ଆବଶ୍ୟକତା ଭାବେ ଦେଖାଯାଉଛି । ବିଭିନ୍ନ ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ, କୌତୂହଳରୁ ଶିଖିବା ବଦଳରେ ଏବେ କ୍ୟାରିୟର ପାଇଁ ଅତ୍ୟାବଶ୍ୟକ ଭାବେ ଏଆଇକୁ ଗ୍ରହଣ କରାଯାଉଛି । ପୂର୍ବରୁ ଏକ୍ସେଲ୍ କିମ୍ବା କୋଡିଂ ଭଳି ଯେଉଁ ଗୁରୁତ୍ୱ ଥିଲା, ଏବେ ଏଆଇ ମଧ୍ୟ ସେହିପରି ଏକ ମୌଳିକ କାର୍ଯ୍ୟକ୍ଷେତ୍ର ଦକ୍ଷତା ପାଲଟିଛି । କେବଳ ଇଞ୍ଜିନିୟର ନୁହଁନ୍ତି, ମ୍ୟାନେଜମେଣ୍ଟ, କମର୍ସ ଏବଂ ଟାୟାର - ୨ ଓ ଟାୟାର - ୩ କଲେଜର ଛାତ୍ରଛାତ୍ରୀମାନେ ମଧ୍ୟ ଏହାକୁ ଏକ ମୁଖ୍ୟ କ୍ୟାରିୟର ଦକ୍ଷତା ଭାବେ ଦେଖି ଅନୁସନ୍ଧାନ କରୁଛନ୍ତି । ସେହିଭଳି ସାମ୍ପ୍ରତିକ ନାମଲେଖାର ପ୍ରାୟ ୨୦-୩୦ ପ୍ରତିଶତ ନନ୍-ଟେକ୍ନିକାଲ ପୃଷ୍ଠଭୂମିରୁ ଆସୁଛନ୍ତି, ଯେଉଁମାନେ କାର୍ଯ୍ୟଦକ୍ଷତା ଓ ନିଷ୍ପତ୍ତି ନେବାର କ୍ଷମତା ବୃଦ୍ଧି ପାଇଁ ଏଆଇକୁ ବ୍ୟବହାର କରୁଛନ୍ତି । ତେବେ ଭାରତର ଏହି ନୂତନ କ୍ୟାରିୟର ସୁରକ୍ଷା ପଛରେ ଏକ ସାଧାରଣ ବିଶ୍ୱାସ ରହିଛି ।



ଭବିଷ୍ୟତର ଚାକିରି ବଜାର ଏଆଇ ସହ କାମ କରୁଥିବା ଲୋକଙ୍କୁ ପୁରସ୍କୃତ କରିବ ଏବଂ ନଜାଣିଥିବା ଲୋକଙ୍କୁ ପଛକୁ ଠେଲିଦେବ । ଏହି ଚିନ୍ତା ଛାତ୍ରଛାତ୍ରୀଙ୍କ ଅନୁଭୂତିରୁ ସ୍ପଷ୍ଟ ହୁଏ । ସେମାନେ ଏଆଇ ଆଧାରିତ ଆସେସମେଣ୍ଟ ଏବଂ ଇଣ୍ଟରଭ୍ୟୁ ସିମୁଲେସନ୍‌ର ସାହାରା ନେଇ ନିଜକୁ ଅଧିକ ପ୍ରସ୍ତୁତ ଓ ଆତ୍ମବିଶ୍ୱାସୀ ମନେକରୁଛନ୍ତି । ଛାତ୍ରଛାତ୍ରୀମାନେ ଏବେ ନିଷ୍କ୍ରିୟ ଭିଡିଓ ଶିକ୍ଷା ବଦଳରେ ସିମୁଲେସନ୍, ହ୍ୟାକାଥନ୍ ଏବଂ ଏଆଇ ଆସେସମେଣ୍ଟ ଭଳି ବ୍ୟାବହାରିକ ଶିକ୍ଷାକୁ ପସନ୍ଦ କରୁଛନ୍ତି । ଯାହା ସେମାନଙ୍କୁ କେବଳ ସାର୍ଟିଫିକେଟ୍ ଦେବା ବଦଳରେ ବାସ୍ତବ ଜଗତର ପ୍ରସ୍ତୁତି ପରଖିବାରେ ସାହାଯ୍ୟ କରେ । ବିଶେଷଜ୍ଞଙ୍କ ମତରେ, ଶିକ୍ଷାର୍ଥୀମାନେ ଏଆଇ ଗବେଷକ ହେବାକୁ ଚାହୁଁନାହାଁନ୍ତି, ବରଂ ଏଆଇ - ପ୍ରଭାବିତ କାର୍ଯ୍ୟକ୍ଷେତ୍ରରେ ଅଧିକ ନିଯୁକ୍ତିଯୋଗ୍ୟ ହେବାକୁ ଚାହୁଁଛନ୍ତି ।

## ବଢୁଛି ଏଆଇ ପରିସର

କୋଡିଂ ଦକ୍ଷତାରୁ କାର୍ଯ୍ୟକ୍ଷେତ୍ର ଦକ୍ଷତା ପର୍ଯ୍ୟନ୍ତ ଏଆଇର ପରିସର ବୃଦ୍ଧି ପାଉଛି । ନିଜର ବିଷୟଗତ ଜ୍ଞାନ ସହ ଏଆଇ ସାକ୍ଷରତା , ଯେପରିକି ଫାଇନାନ୍ସ ପ୍ଲସ୍ ଏଆଇ କିମ୍ବା ମାର୍କେଟିଂ ପ୍ଲସ୍ ଏଆଇ ଯୋଡୁଥିବା ଛାତ୍ରଛାତ୍ରୀମାନେ ସବୁଠାରୁ ଅଧିକ ଫାଇଦାରେ ରହିବେ । ବିଶେଷଜ୍ଞଙ୍କ ମତରେ, ଆଜିର ସମୟରେ କେବଳ ଜ୍ଞାନ ରହିବା ଯଥେଷ୍ଟ ନୁହେଁ, ବରଂ ପ୍ରଥମ ଦିନରୁ ହିଁ ପରିବର୍ତ୍ତନକୁ ଆପଣାଇବା ଓ ପ୍ରଭାବ ସୃଷ୍ଟି କରିବା ଗୁରୁତ୍ୱପୂର୍ଣ୍ଣ । ନିଯୁକ୍ତିଦାତାମାନେ ମଧ୍ୟ ଏପରି ପ୍ରାର୍ଥୀଙ୍କୁ ଚାହୁଁଛନ୍ତି ଯେଉଁମାନେ କାର୍ଯ୍ୟପ୍ରକ୍ରିୟା ଭିତରେ ଏଆଇ ସାଧନ ବ୍ୟବହାର କରି ପୁନରାବୃତ୍ତିମୂଳକ କାମକୁ ସ୍ୱୟଂଚାଳିତ କରିପାରିବେ, ତଥ୍ୟର ଦ୍ରୁତ ବିଶ୍ଳେଷଣ କରିପାରିବେ ଏବଂ ନିଷ୍ପତ୍ତି ଗ୍ରହଣରେ ସୁଧାର ଆଣିପାରିବେ । ଯାହା ଏଆଇର ପରିସରକୁ ବୃଦ୍ଧି କରିବାରେ ଲାଗିଛି ।

## ବଢୁଛି ବେପାର

ଏହି ଚାହିଦା ଯୋଗୁଁ ଭାରତରେ ଏଆଇ କୋର୍ସ ଆଲେଖ୍ୟ ଓ ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଯେଉଁଥିରେ ନିଶୁଳ୍କ ୟୁଟ୍ୟୁବ୍ ଟ୍ୟୁଟୋରିଆଲ୍‌ଠାରୁ ଆରମ୍ଭ କରି ଲକ୍ଷାଧିକ ଟଙ୍କାର










ଆଇଆଇଟି - ସମର୍ଥିତ ଏକ୍ସିକ୍ୟୁଟିଭ୍ ସାର୍ଟିଫିକେସନ୍ ପର୍ଯ୍ୟନ୍ତ ଉପଲବ୍ଧ । ଏହି କାରଣରୁ ବେପାର ମଧ୍ୟ ବଢିବାରେ ଲାଗିଛି । ବିଭିନ୍ନ କୋର୍ସ ଅନୁସାରେ ଭିନ୍ନଭିନ୍ନ ଅନୁଷ୍ଠାନରେ ଏହାର ଖର୍ଚ୍ଚ ରହୁଛି । ତେବେ ଚାହିଦା ବୃଦ୍ଧି ସହ ଅନେକ ନିମ୍ନମାନର ଓ ଭ୍ରାମକ କୋର୍ସ ମଧ୍ୟ ରହୁଛି, ଯାହା ଶିକ୍ଷାର୍ଥୀ ମାନଙ୍କୁ ସମସ୍ୟାରେ ପକାଉଛି । ଅନେକ ମିଛ ଅନୁଷ୍ଠାନ ମଧ୍ୟ ବଜାରରେ ବୁଲୁଛନ୍ତି । ଯେଉଁମାନେ ବିଭିନ୍ନ ପ୍ରଲୋଭନ ଦେଖାଉଛନ୍ତି ହେଲେ ସଠିକ କୋର୍ସ ପ୍ରଦାନ କରୁନାହାନ୍ତି । ଯାହାଫଳରେ ଲକ୍ଷାଧୀକ ଟଙ୍କା ଖର୍ଚ୍ଚ କରିବାପରେ ମଧ୍ୟ ଶିକ୍ଷାର୍ଥୀଙ୍କର କୌଣସି ଲାଭ ହେଉନାହିଁ । ଅନେକ କୋର୍ସ ଏଭଳି ରହୁଛି ଯାହା ମାଗଣା କଣ୍ଟେଣ୍ଟକୁ ଦେଇ ଶିକ୍ଷାର୍ଥୀକୁ ପ୍ରଲୋଭନରେ ମଧ୍ୟ ପକାଉଛନ୍ତି । ହେଲେ ଯେ କୌଣସି କୋର୍ସ କିମ୍ବା ଅନୁଷ୍ଠାନକୁ ଚୟନ କରିବା ଆଗରୁ ଭଲଭାବରେ ଚେକ କରିନିଅନ୍ତୁ, ତାପରେ କୋର୍ସରେ ନାମ ଲେଖାନ୍ତୁ । ସେହିଭଳି ବିଶେଷଜ୍ଞଙ୍କ ମତରେ ଶିକ୍ଷାର୍ଥୀମାନେ ନିଜ ସ୍ତର ସହ ମେଳ ଖାଉଥିବା ଏବଂ ବ୍ୟାବହାରିକ ଅନୁଭୂତି ଦେଉଥିବା କୋର୍ସ ଚୟନ କରିବା ଉଚିତ୍ । ସାଧାରଣ ଭାବେ ଏଆଇ ବ୍ୟବହାର କରିବା ଏବଂ କାର୍ଯ୍ୟକ୍ଷେତ୍ର ପାଇଁ ପ୍ରସ୍ତୁତ ହେବା ମଧ୍ୟରେ ଫରକ ରହିଛି ।

## ସ୍କୁଲରୁ ଏଆଇ ଶିକ୍ଷା

ଅପରପକ୍ଷରେ, କଲେଜ ପୂର୍ବରୁ ସ୍କୁଲ ସ୍ତରରେ ମଧ୍ୟ ଏଆଇ ପ୍ରବେଶ କରିଛି । କିଛି ସ୍କୁଲରେ ଶ୍ରେଣୀ ୩ ରୁ ୮ ର ଛାତ୍ରଛାତ୍ରୀଙ୍କ ପାଇଁ ଏଆଇ ଏବଂ କମ୍ପ୍ୟୁଟେସନାଲ ଚିନ୍ତାଧାରା ଶିକ୍ଷା ଆରମ୍ଭ କରିଦେଇଛି । ଏହାକୁ ଏକ ବିଶେଷ ବିଷୟ ବଦଳରେ କୋଡିଂ କିମ୍ବା ଇଣ୍ଟରନେଟ୍ ସାକ୍ଷରତା ଭଳି ଏକ ମୌଳିକ ଡିଜିଟାଲ୍ ଦକ୍ଷତା ଭାବେ ଗ୍ରହଣ କରାଯାଉଛି । ସେହିଭଳି  ଏଆଇ ଶିକ୍ଷାରେ ମହିଳାମାନଙ୍କ ଭାଗୀଦାରୀ ମଧ୍ୟ ବୃଦ୍ଧି ପାଇଛି । କୋର୍ସେରାର 'ଜେଣ୍ଡର ଗ୍ୟାପ୍ ଇନ୍ ଏଆଇ' ରିପୋର୍ଟ ଅନୁଯାୟୀ, ଭାରତରେ ଜେନ୍ଏଆଇ ନାମଲେଖାରେ ମହିଳାଙ୍କ ଭାଗୀଦାରୀ ୩୧.୨ ପ୍ରତିଶତରୁ ବୃଦ୍ଧି ପାଇ ୩୩.୫ ପ୍ରତିଶତ ହୋଇଛି । ଏପରିକି ପୁରୁଷଙ୍କ ତୁଳନାରେ ମହିଳାମାନେ ୩ ପ୍ରତିଶତ ଅଧିକ ହାରରେ ବର୍ତ୍ତମାନର ଶିକ୍ଷାର୍ଥୀମାନେ ଏହି କୋର୍ସ ସମ୍ପୂର୍ଣ୍ଣ କରୁଛନ୍ତି । ସେହିଭଳି ଅନ୍ୟ କୋର୍ସରେ ମଧ୍ୟ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି ।

## ଟ୍ରେଣ୍ଡ ପଛର କାରଣ

ବର୍ତ୍ତମାନ ଧୀରେଧୀରେ ଏଆଇକୁ କୋର୍ସ ଭାବେ ଗ୍ରହଣ କରିବା ବଢିବାରେ ଲାଗିଛି । ତେବେ ଏହି ଟ୍ରେଣ୍ଡ ପଛରେ କିଛିଟା ଏଭଳି କାରଣ ରହିଛି, ଯେଉଁ କାରଣରୁ ଆଜିକାଲିର ଛାତ୍ରମାନେ ଏହାକୁ ଚୟନ କରୁଛନ୍ତି । ଆସନ୍ତୁ ସେହିଭଳି କିଛି କାରଣ ସମ୍ପର୍କରେ ଆଲୋଚନା କରିବା ।

## ଉଚ୍ଚ ନିଯୁକ୍ତି ସୁଯୋଗ

ଏଆଇ ଇଞ୍ଜିନିୟରମାନେ ବିଶ୍ୱସ୍ତରରେ ସର୍ବାଧିକ ଦରମା ପାଉଥିବା ପେସାଦାରଙ୍କ ମଧ୍ୟରେ ଅନ୍ୟତମ । ମେସିନ୍ ଲର୍ନିଂ ଇଞ୍ଜିନିୟର, ଡାଟା ସାଇଣ୍ଟିଷ୍ଟ, ଏଆଇ ରିସର୍ଚ୍ଚର, କମ୍ପ୍ୟୁଟର ଭିଜନ୍ ଏକ୍ସପର୍ଟ ଏବଂ ଏନଏଲପି ଇଞ୍ଜିନିୟର ପଦବୀଗୁଡ଼ିକର ବ୍ୟାପକ ଚାହିଦା ରହିଛି । ତେଣୁ ସମସ୍ତଙ୍କ ଭିତରେ ଏହି ପାଠ୍ୟକ୍ରମର ଚାହିଦା ବଢିବାରେ ଲାଗିଛି ।

## ଶିଳ୍ପ-କେନ୍ଦ୍ରିକ ପାଠ୍ୟକ୍ରମ

୨୦୨୫ର ଏଆଇ ଇଞ୍ଜିନିୟରିଂ ପ୍ରୋଗ୍ରାମଗୁଡ଼ିକ ଶିଳ୍ପ ସହଯୋଗରେ ପ୍ରସ୍ତୁତ କରାଯାଇଛି । ଏଥିରେ ପାଇଥନ, ଟେନ୍ସରଫ୍ଲୋ, ପେଟର୍ଚ  ଭଳି ଟୁଲ୍ସ ମାଧ୍ୟମରେ ପ୍ରାକ୍ଟିକାଲ୍ ପ୍ରୋଜେକ୍ଟ, ଏଆଇ ମଡେଲ୍ସ ଦ୍ୱାରା ବାସ୍ତବ ସମସ୍ୟାର ସମାଧାନ । ଆମାଜନ, ଆଜୁର, ଗୁଗଲ କ୍ଲାଉଡ୍ ଭଳି କ୍ଲାଉଡ୍ ଓ






ଓ ବିଗ୍ ଡାଟା ପ୍ଲାଟଫର୍ମ, ଏବଂ ଏଆଇ ଏଥିକ୍ସ ଶିଖିବାର ସୁଯୋଗ ମିଳିଥାଏ ।

## ବିଭିନ୍ନ କ୍ଷେତ୍ରରେ ବ୍ୟବହାର

ଏଆଇ କେବଳ ଆଇଟି କ୍ଷେତ୍ରରେ ସୀମିତ ନୁହେଁ, ସ୍ୱାସ୍ଥ୍ୟସେବା (ରୋଗ ପୂର୍ବାନୁମାନ ଓ ରୋବୋଟିକ୍ ସର୍ଜରୀ), କୃଷି (ଡ୍ରୋନ୍ ଓ ସେନ୍ସର ମାଧ୍ୟମରେ ସ୍ମାର୍ଟ ଫାର୍ମିଂ), ଫାଇନାନ୍ସ (ଜାଲିଆତି ଚିହ୍ନଟ ଓ ଆଲଗୋରିଦମିକ୍ ଟ୍ରେଡିଂ), ପ୍ରସ୍ତୁତି/ଉତ୍ପାଦନ (ସ୍ୱୟଂଚାଳିତ ପ୍ରକ୍ରିୟା) ଏବଂ ରିଟେଲ୍ କ୍ଷେତ୍ରରେ ଏଆଇର ବହୁଳ ବ୍ୟବହାର ରହିଛି ।

## ବିଶ୍ୱସ୍ତରୀୟ ସୁଯୋଗ

ଏଆଇ ଇଞ୍ଜିନିୟରମାନେ କେବଳ ଭାରତ ନୁହେଁ, ସାରା ବିଶ୍ୱରେ ଚାହିଦାରେ ଅଛନ୍ତି । ଆପଣ ଗ୍ଲୋବାଲ୍ ଷ୍ଟାର୍ଟଅପରେ ରିମୋଟ୍ ଜବ୍, ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ଗବେଷଣା, ଏବଂ କାନାଡ଼ା, ଜର୍ମାନୀ, ୟୁକେ, ଅଷ୍ଟ୍ରେଲିଆ ଭଳି ଦେଶଗୁଡ଼ିକର ଟେକ୍-ଡିମାଣ୍ଡ ଭିସା ପ୍ରୋଗ୍ରାମ ମାଧ୍ୟମରେ ବିଦେଶ ଯିବାର ସୁଯୋଗ ପାଇପାରିବେ ।

## ଉଜ୍ଜ୍ୱଳ ଭବିଷ୍ୟତ


ବିଶ୍ୱ ଅର୍ଥନୈତିକ ମଞ୍ଚ ( ଡବ୍ଲୁଇଏଫ )ର 'ଫ୍ୟୁଚର ଅଫ୍ ଜବ୍ସ' ରିପୋର୍ଟ ଅନୁସାରେ, ଏଆଇ ଏବଂ ମେସିନ୍ ଲର୍ନିଂ ବିଶେଷଜ୍ଞମାନେ ବିଶ୍ୱର ଶୀର୍ଷ ୫ଟି ଉଦୀୟମାନ ପଦବୀ ମଧ୍ୟରେ ସ୍ଥାନ ପାଉଛନ୍ତି । ମାନବ ସମ୍ବଳ ଏବଂ ସ୍ୱୟଂଚାଳିତ ପ୍ରଯୁକ୍ତିବିଦ୍ୟା ଯୋଗୁଁ ୮୫ ନିୟୁତ ପୁରୁଣା ଚାକିରି ପ୍ରଭାବିତ ହେଉଥିବା ବେଳେ, ଏଆଇ ଓ ଡାଟା କ୍ଷେତ୍ରରେ ୯୭ ନିୟୁତ ନୂଆ କର୍ମସଂସ୍ଥାନ ସୃଷ୍ଟି ହେଉଛି । ଏଣୁ ଏଆଇ ଇଞ୍ଜିନିୟରିଂ ଚୟନ କରିବା ଦ୍ୱାରା ନିଜ କ୍ୟାରିୟର କେବେ ମୂଲ୍ୟହୀନ ହେବ ନାହିଁ, ଯାହା ବର୍ତ୍ତମାନ ଯୁବପିଢ଼ିଙ୍କୁ ବିଶେଷଭାବେ ଆକୃଷ୍ଟ କରୁଛି ।

## ଆଧୁନିକ ଶିକ୍ଷାଦାନ

ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ଏଆଇ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ବ୍ୟାବହାରିକ ଜ୍ଞାନକୌଶଳକୁ ପ୍ରାଧାନ୍ୟ ଦେଉଛନ୍ତି । ଏଥିରେ ପ୍ରକଳ୍ପ ଭିତ୍ତିକ ଶିକ୍ଷା, ହ୍ୟାକାଥନ୍, ଏଆଇ ଷ୍ଟାର୍ଟଅପ୍‌ରେ ଇଣ୍ଟର୍ନସିପ୍ ଏବଂ ରୋବୋଟିକ୍ସ, କମ୍ପ୍ୟୁଟର ଭିଜନ୍, ଏନ୍‌ଏଲ୍‌ପି ଓ ଡାଟା ସାଇନ୍ସ ପରି ବିଷୟରେ ବିଶେଷଜ୍ଞତା ହାସଲ କରିବାର ସୁଯୋଗ ମିଳୁଛି, ଯାହା ଶିଳ୍ପ ଜଗତର ବର୍ତ୍ତମାନର ଆବଶ୍ୟକତା ସହ ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ରଖୁଛି ।

## ସକାରାତ୍ମକ ପ୍ରଭାବ

ଜଣେ ଏଆଇ ଇଞ୍ଜିନିୟର ଭାବରେ ଆପଣ ବିଶ୍ୱର ଅନେକ ବଡ଼ ସମସ୍ୟାର ସମାଧାନରେ ଯୋଗଦାନ ଦେଇପାରିବେ । ରୋଗର ପୂର୍ବାନୁମାନ କରି ଜୀବନ ବଞ୍ଚାଇବା, ଅତ୍ୟାଧୁନିକ ଶକ୍ତି ପ୍ରଣାଳୀ ଦ୍ୱାରା ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା, ଏଆଇ ଟ୍ୟୁଟର ମାଧ୍ୟମରେ ସମସ୍ତଙ୍କ ପାଇଁ ଶିକ୍ଷା ପହଞ୍ଚାଇବା ଏବଂ ବିପର୍ଯ୍ୟୟ ପରିଚାଳନାରେ ପୂର୍ବସୂଚନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପରି ମହତ୍ କାର୍ଯ୍ୟରେ ଏହି ପ୍ରଯୁକ୍ତିବିଦ୍ୟା ସାହାଯ୍ୟ କରେ । ଯାହା ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ଆତ୍ମ ସନ୍ତୋଷ ପ୍ରଦାନ କରୁଛି ।




ପାରମ୍ପରିକ ଇଞ୍ଜିନିୟରିଂ ତୁଳନାରେ ଏଆଇ ଇଞ୍ଜିନିୟରିଂ ଚୟନ କରିବା ଛାତ୍ରମାନଙ୍କ ଭବିଷ୍ୟତ ପାଇଁ ଏକ ସୁଚିନ୍ତିତ ଓ ଲାଭଦାୟକ ନିବେଶ । ଯଦି ଛାତ୍ରମାନେ ଅଧିକ ଦରମା ସହ ଏକ ବିଶ୍ୱସ୍ତରୀୟ, ନିରନ୍ତର ପରିବର୍ତ୍ତନଶୀଳ ଏବଂ ପ୍ରଭାବଶାଳୀ କ୍ୟାରିୟର ଗଢ଼ିବାକୁ ଚାହୁଁଛନ୍ତି, ତେବେ ଏଆଇ ଇଞ୍ଜିନିୟରିଂ ବର୍ତ୍ତମାନ ଏକ ଶ୍ରେଷ୍ଠ ବିକଳ୍ପ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ତେବେ ଏହା ସମସ୍ତ ଛାତ୍ର ଓ ପରିବାରର ନିଜସ୍ୱ ନିଷ୍ପତ୍ତି ଉପରେ ନିର୍ଭର କରେ ସେମାନେ ଏହାକୁ ଗ୍ରହଣ କରିବେ କି ନକରିବେ ।

# ଭାରତର ଶିକ୍ଷା ବିପ୍ଳବ: ୨୦୨୫ ରିପୋର୍ଟ



## ଜେନ୍‌ଏଆଇ ନାମଲେଖାରେ ବିସ୍ଫୋରଣ

**୧.୮ ମିଲିୟନ୍**

୨୦୨୫ ରେ ମୋଟ ଜେନ୍‌ଏଆଇ ନାମଲେଖା

**ଅଭୂତପୂର୍ବ ଗତି:**

୧ ମିନିଟ୍‌କୁ ୩ଟି ନାମଲେଖା







ବିଶ୍ୱରେ ସର୍ବାଧିକ ୨୦୨୦ ପରଠାରୁ (୨୦୨୫ ରେ ଆମେରିକାକୁ ପଛରେ ପକାଇଲା)

## ଶିକ୍ଷାର୍ଥୀଙ୍କ ରୂପରେଖ: ମୋବାଇଲ୍-ପ୍ରଥମ ଏବଂ କ୍ୟାରିୟର୍-କେନ୍ଦ୍ରିତ

**୫୨%** ମୋବାଇଲ୍-ପ୍ରଥମ

**୮୨%** କ୍ୟାରିୟର୍ ପରିବର୍ତ୍ତନ ଚାହୁଁଛନ୍ତି



**୪୦%** ମହିଳା ଶିକ୍ଷାର୍ଥୀ

ମଧ୍ୟକାଳୀନ ବୟସ: **୩୨ ବର୍ଷ**

## ସର୍ବାଧିକ ଲୋକପ୍ରିୟ AI ପାଠ୍ୟକ୍ରମ: ପ୍ରାରମ୍ଭିକ-ଅନୁକୂଳ ଏବଂ ବ୍ୟାବହାରିକ କେନ୍ଦ୍ରିତ

1. ସମସ୍ତଙ୍କ ପାଇଁ AI — DeepLearning.AI
2. ଜେନେରେଟିଭ୍ AI ର ପରିଚୟ — Google Cloud
3. କୃତ୍ରିମ ବୁଦ୍ଧିମତ୍ତାର ପରିଚୟ — IBM
4. ସମସ୍ତଙ୍କ ପାଇଁ ଜେନେରେଟିଭ୍ AI — DeepLearning.AI
5. ପ୍ରମ୍ପଟ ଇଞ୍ଜିନିୟରିଂର ମୌଳିକ ତଥ୍ୟ — IBM



## ମୃଣାଳ

ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

## ଛତା

ଛତା ବର୍ଷା ଅଟକାଏ ନାହିଁ
କେବଳ ଜଣେ ମଣିଷ ମୁଣ୍ଡ
ଉପରେ ଚଉଡା ହୋଇଥିବା
ଗୋଟେ ଆକାଶ ଖୋଲିଦିଏ
ମୂଳ ବଙ୍ଗଳା: ଅୟନ ତଲଧୀ
ଓଡ଼ିଆ ଅନୁବାଦ: ମୃଣାଳ



## ବୁଝି ପାରୁନି...

ପୃଥିବୀରୁ ଜହ୍ନର ଦୂରତ୍ୱ ୩ ଲକ୍ଷ ୮୪ ହଜାର କିଲୋମିଟର। ଭାରତ ସେଠିକି ୨୦୦୮ ରୁ ମହାକାଶ ଯାନ ପଠେଇଲାଣି। ହେଲେ ଏଯାଏ ଆମେ ନର୍ଦ୍ଦମା ସଫା କରିବା ପାଇଁ ମେସିନ ତିଆରି କରି ପାରୁନୁ ! ପ୍ରତିବର୍ଷ ବର୍ଷା ଦିନେ ନର୍ଦ୍ଦମା ସଫା ନେଇ ସମସ୍ୟା...



## ଓଡ଼ିଶାର ଭାବମୂର୍ତ୍ତି

ଗୋଟେ ଅଞ୍ଚଳ ବା ରାଜ୍ୟର ଭାବମୂର୍ତ୍ତି - ଇମେଜ ତିଆରିରେ ସବୁଠୁ ବଡ଼ ଅବଦାନ ହେଉଛି ସାଧାରଣ ବ୍ୟବସ୍ଥାର। ଲୋକେ ସ୍ୱଚ୍ଛନ୍ଦ୍ୟରେ ଚଳପ୍ରଚଳ ହୋଇପାରୁଛନ୍ତି କି ନାହିଁ, ସେଠିକାର ସଡ଼କ, ସେଠିକାର ରହିବା, ଖାଇବା, ଗମନାଗମନ ବ୍ୟବସ୍ଥା, ସାଧାରଣ ବ୍ୟବହାର କରୁଥିବା ଇନଫ୍ରାଷ୍ଟ୍ରକଚରର ମାନ ଓ ବ୍ୟବହାର ଯୋଗ୍ୟତା - ସେ ସ୍ଥାନର ଭାବମୂର୍ତ୍ତି ତିଆରିରେ ବଡ଼ ଭୂମିକା ରଖେ। ଆଉ ଏହାକୁ ଠିକ ରଖିବାରେ ସରକାରଙ୍କ ଯେତିକି ଭୂମିକା ରହିଛି, ଲୋକମାନଙ୍କର ମଧ୍ୟ ସେତିକି ଭୂମିକା ରହିଛି। ଏଇ ପରିପ୍ରେକ୍ଷୀରେ ପ୍ରଦୀପ ମହାପାତ୍ର ତାଙ୍କ ସାମାଜିକ ଗଣମାଧ୍ୟମରେ ଲେଖିଥିବା ପୋଷ୍ଟ ଉଦ୍ଧାର କରୁଛି, ପଢନ୍ତୁ।

"କାଲି ସକାଳେ କୋଲକାତାରୁ ଭୁବନେଶ୍ୱର ଷ୍ଟେସନରେ ପହଞ୍ଚିଲି। ଟ୍ରେନ୍ ୬ ନମ୍ବର ପ୍ଲାଟଫର୍ମରେ ଅଟକିଲା। ଷ୍ଟେସନ ବାହାରେ ପହଞ୍ଚିବା ମାତ୍ରେ ଅଟୋ ଓ ଟ୍ୟାକ୍ସି ଚାଳକମାନେ ଘେରି ଆସିଲେ। ଜଣେ ଅଟୋ ଚାଳକଙ୍କୁ ଆଇଆରସି ଭିଲେଜ ଯିବା ପାଇଁ ଭଡ଼ା ପଚାରିଲି। ସେ କହିଲେ ୪୦୦ ଟଙ୍କା। କିଛି ନକହି ଆଗକୁ ବଢ଼ିଗଲି। କିଛି ଦୂର ଯାଇଥିବାବେଳେ ଆଉ ଜଣେ କହିଲେ, "ସେ ବେଶି କହୁଛି, ମୁଁ ୩୦୦ ଟଙ୍କାରେ ନେଇଯିବି।" ମୁଁ ସେମାନଙ୍କ ସହ ଯୁକ୍ତିତର୍କ ନକରି ଉବେର ବୁକ୍ କଲି ଏବଂ ମାତ୍ର ୧୩୫ ଟଙ୍କାରେ ଏସି କାରରେ ଘରେ ପହଞ୍ଚିଲି। ଏହା କୌଣସି ନୂଆ ଘଟଣା ନୁହେଁ। ବର୍ଷ ବର୍ଷ ଧରି ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀମାନେ ଏଭଳି ଅତ୍ୟଧିକ ଭଡ଼ା ଦାବିର ସମ୍ମୁଖୀନ ହୋଇ ଆସୁଛନ୍ତି। ମୁଁ ଓଡ଼ିଆ ହୋଇଥିବାରୁ ଏବଂ ବିକଳ୍ପ ବ୍ୟବସ୍ଥା ଜାଣିଥିବାରୁ ସହଜରେ ନିଜ ରାସ୍ତା କାଢ଼ି ନେଲି। କିନ୍ତୁ ରାଜ୍ୟ ବାହାରରୁ ଆସୁଥିବା ଯାତ୍ରୀଙ୍କ ଅବସ୍ଥା କ'ଣ ? ସେମାନେ ସହରର ରାସ୍ତାଘାଟ କିମ୍ବା ପ୍ରକୃତ ଭଡ଼ା ବିଷୟରେ ଜାଣିନଥାନ୍ତି। ଫଳରେ ବାଧ ହୋଇ ଅନେକ ସମୟରେ ଅତ୍ୟଧିକ ଭଡ଼ା ଦେଇଥାନ୍ତି । ''ଭଡା ଅଧିକ'' କହିଲେ ଡ୍ରାଇଭର ମାନେ ନାହିଁ ନଥିବା ଅଭଦ୍ର ଭାଷାରେ ଯୁକ୍ତିତର୍କ କରନ୍ତି । ଏଇଥି ପାଇଁ ବାହାର ଲୋକ ଓଡ଼ିଶା ସମ୍ପର୍କରେ ନକାରାତ୍ମକ ଧାରଣା ନେଇ ଫେରିଥାନ୍ତି।

ଦୁଃଖର ବିଷୟ ହେଉଛି, ଏହି ସମସ୍ୟା ସମ୍ପର୍କରେ ସମସ୍ତେ ଅବଗତ। ପୋଲିସ ପ୍ରଶାସନ ଜାଣେ, ପରିବହନ ବିଭାଗ ଜାଣେ, ସରକାର ମଧ୍ୟ ଜାଣନ୍ତି - ସେ କଂଗ୍ରେସ / ବିଜେଡି ବା ବିଜେପିରୁ ହେଇଥାଉ କିନ୍ତୁ ଦୃଶ୍ୟମାନ ଏବଂ ପ୍ରଭାବଶାଳୀ ପଦକ୍ଷେପ ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳୁନାହିଁ। ନିର୍ଦ୍ଦିଷ୍ଟ ଭଡ଼ା ତାଲିକା, କଡ଼ା ନିରୀକ୍ଷଣ ଓ ଅଭିଯୋଗ ନିବାରଣ ବ୍ୟବସ୍ଥା କାହିଁକି ଆଜି ମଧ୍ୟ ସୁନିଶ୍ଚିତ ହୋଇପାରିଲା ନାହିଁ ?

ମୋର ବିନମ୍ର ଅନୁରୋଧ, ବରିଷ୍ଠ ପୋଲିସ ଅଧିକାରୀ ଓ ପରିବହନ ମନ୍ତ୍ରୀ ଦିନେ ସାଧାରଣ ଯାତ୍ରୀ ଭଳି ଭୁବନେଶ୍ୱର ଷ୍ଟେସନକୁ ଯାଇ ପରିସ୍ଥିତିକୁ ନିଜେ ଅନୁଭବ କରନ୍ତୁ। ତାହାହେଲେ ବୁଝିପାରିବେ, ସମସ୍ୟାଟି କେତେ ଗମ୍ଭୀର ଏବଂ ଏହା ଓଡ଼ିଶାର ଭାବମୂର୍ତ୍ତି ଉପରେ କେତେ ପ୍ରଭାବ ପକାଉଛି।

## ଫରକ କ'ଣ ?

ଗୁପଚୁପ ବା ପୁଚୁକା ଆଉ ପାମ୍ପଡି ଚାଟ ଭିତରେ ଫରକ କ'ଣ ? ଗୁପଚୁପ ହେଲା ପ୍ରଥମ ପ୍ରେମର ଫୁଲ୍କା ଫୁଲ୍କା ଗଦଗଦ ଅବସ୍ଥା। ଆଉ ପାମ୍ପଡି ଚାଟ ହେଲା ବ୍ରେକ-ଅପ ପର ଅବସ୍ଥା - ହୃଦୟ ଭାଙ୍ଗି ଚୁରମାର, ରହିଛି କେବଳ ସ୍ମୃତି।



## ବୋଲବମ ଯାତ୍ରା

ଶ୍ରାବଣ ମାସ ଆରମ୍ଭ ହେବା ସହିତ ବୋଲବମ (କାଁୱାର) ଯାତ୍ରା ଆରମ୍ଭ ହୋଇ ଯାଇଛି। ଓଡ଼ିଶାରେ ଭକ୍ତମାନେ କୌଣସି ନଦୀ ବା ଜଳାଶୟରୁ ଘଟରେ ଜଳ ନେଇ ତାକୁ ବାହୁଙ୍ଗିରେ ବହନ କରି ଖାଲି ପାଦରେ ଚାଲି ଚାଲି କୌଣସି ମହାଦେବ ମନ୍ଦିରକୁ ନେଇ ସେଠି ଅର୍ପଣ କରନ୍ତି। ଏ ଜଳକୁ, ଏ ଜଳ ଯେଉଁଠୁ ସଂଗ୍ରହ କରାଯାଉଛି ସେ ନଦୀ ବା ଜଳାଶୟକୁ ପବିତ୍ର ବୋଲି ମାନ୍ୟ କରାଯାଏ। ଏବେ ବୋଲବମ ଯାତ୍ରୀମାନଙ୍କୁ ନମ୍ର ନିବେଦନ: ଜଳ ଏବଂ ଜଳାଶୟ ବା ନଦୀ ଯଦି ପବିତ୍ର ତେବେ ତାକୁ ସେଇ ମାନ୍ୟତା ଦିଅନ୍ତୁ। ଅଳିଆ ଆବର୍ଜନା, ବିଶେଷ କରି ପ୍ଲାଷ୍ଟିକ, ପଲିଥିନ ପକାନ୍ତୁ ନାହିଁ। ଅନେକେ ବାହୁଙ୍ଗି ସଜେଇବା ପାଇଁ ପ୍ଲାଷ୍ଟିକ ଫୁଲ, ତ୍ରିଶୂଳ, ସାପ ଇତ୍ୟାଦି ବ୍ୟବହାର କରୁଛନ୍ତି। ସେଗୁଡିକ ଶେଷକୁ ଅଳିଆ ହୋଇ କୌଣସି ଜଳାଶୟ ଏବଂ ନଈକୁ ଯାଉଛି। ଏମିତି ବର୍ଜ୍ୟ ବସ୍ତୁ ପଡ଼ି ପଡ଼ି ନଈ ପୋତି ହୋଇ ମରିବାକୁ ବସିଲାଣି। ବର୍ତ୍ତମାନ ବନ୍ୟାର ଭୟାବହତାର ଏହା ମଧ୍ୟ ଏକ କାରଣ। 'ପବିତ୍ର' ନଦୀକୁ ପରିଷ୍କାର ଏବଂ ଜୀବିତ ରଖିବାରେ ସାହାଯ୍ୟ କରନ୍ତୁ। ସମ୍ପୃକ୍ତ ଅଞ୍ଚଳର ପ୍ରଶାସନକୁ ନିବେଦନ: ଯେଉଁ ନଈ-ଘାଟରୁ ଅଧିକ ବୋଲ ବମ ଯାତ୍ରୀ ଜଳ ନେଉଛନ୍ତି, ସେଠି ଏବଂ ଯେଉଁ ମନ୍ଦିରରେ ଜଳ ଲାଗି କରାଯାଉଛି ସେଠି ବର୍ଜ୍ୟ ପଦାର୍ଥ ପକେଇବା ପାଇଁ ନିର୍ଦ୍ଦିଷ୍ଟ ଜାଗା ଓ ବ୍ୟବସ୍ଥା କରାଯାଉ। ବୋଲ ବମ ଯାତ୍ରୀମାନଙ୍କୁ ସଙ୍ଖୋଳିବାପାଇଁ ଏବକୁ ଅନେକ ସଂସ୍ଥା ଏବଂ ସଂଗଠନ ହେଲେଣି; ସେମାନେ ଏଦିଗରେ ଆଗଭର ହୁଅନ୍ତୁ। ବର୍ଜ୍ୟ ପଦାର୍ଥ ଠିକ ଭାବେ ପରିଚାଳନା କରିପାରିଲେ - ନଈ ବଞ୍ଚିବ, ପରିମଳ ବ୍ୟବସ୍ଥା ବି ଉନ୍ନତ ହେବ।



## ସ୍ୱାଧୀନତା

ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଦିନଟି ଆସିଲେ ଆମେ ତ୍ରିରଙ୍ଗା ଉଡ଼ାଉ, ଜାତୀୟ ସଙ୍ଗୀତ ଗାଉ, ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରୁ। କିନ୍ତୁ ଅଗଷ୍ଟ ୧୬ରେ ଏବଂ ସବୁଦିନ ନିଜକୁ ଗୋଟିଏ ପ୍ରଶ୍ନ ପଚାରିବା ଦରକାର- ଆମେ ପ୍ରକୃତରେ କେତେ ସ୍ୱାଧୀନ ? ବିଦେଶୀ ଶାସନରୁ ମୁକ୍ତି ହେଉଛି ରାଜନୈତିକ ସ୍ୱାଧୀନତା। କିନ୍ତୁ ସ୍ୱାଧୀନତାର ଅର୍ଥ ତା'ଠାରୁ ବହୁତ ବଡ଼। ଯେଉଁ ଦେଶର ଜଣେ ମଣିଷ ମଧ୍ୟ ଭୋକରେ ଶୋଇବାକୁ ବାଧ ହୁଏ, ସେ ଦେଶକୁ ଭୋକରୁ ମୁକ୍ତ ହେବାକୁ ପଡ଼ିବ। ଯେଉଁ ଶିଶୁ ଶିକ୍ଷାରୁ ବଞ୍ଚିତ, ତା' ପାଇଁ ସାକ୍ଷରତା ହିଁ ସ୍ୱାଧୀନତାର ପ୍ରଥମ ସୋପାନ। ଆମକୁ ଦୁର୍ନୀତିରୁ ସ୍ୱାଧୀନତା ଦରକାର- ଯେଉଁଠାରେ ଅଧିକାର ପାଇବା ପାଇଁ ଲାଞ୍ଚ ଦେବାକୁ ପଡ଼ିବ ନାହିଁ। ଆମକୁ କୁଶାସନରୁ ସ୍ୱାଧୀନତା ଦରକାର- ଯେଉଁଠାରେ ପ୍ରଶାସନ ନାଗରିକଙ୍କ ସେବକ ହେବ, ମାଲିକ ନୁହେଁ। ଆମକୁ ଅଶାଳୀନତା, ଅସହିଷ୍ଣୁତା ଓ ଅସଭ୍ୟତାରୁ ମଧ୍ୟ ମୁକ୍ତି ଦରକାର।

ପ୍ରକୃତ ସ୍ୱାଧୀନତା ସେତେବେଳେ ଆସିବ, ଯେତେବେଳେ ପ୍ରତ୍ୟେକ ନାଗରିକ ମର୍ଯ୍ୟାଦାର ସହିତ ବଞ୍ଚିପାରିବେ, ନିଜ ମତ ପ୍ରକାଶ କରିପାରିବେ ଏବଂ ନିଜ ଭବିଷ୍ୟତ ନିଜେ ଗଢ଼ିପାରିବେ। ସ୍ୱାଧୀନତା ଦିବସ କେବଳ ଅତୀତର ଗୌରବ ନୁହେଁ; ଏହା ଆମ ଅସମାପ୍ତ ଦାୟିତ୍ୱର ସ୍ମାରକ। ସ୍ୱାଧୀନତା ଆମେ ପାଇଛୁ। ଏବେ ତାହାକୁ ଅର୍ଥପୂର୍ଣ୍ଣ କରିବା ଆମର କର୍ତ୍ତବ୍ୟ।

# ବ୍ରହ୍ମାସ୍ତ୍ର ପାଇଁ ସବୁ ନା

ବ୍ରହ୍ମାସ୍ତ୍ରର ସଫଳତା ପରେ ପରବର୍ତ୍ତୀ ଭାଗ 'ବ୍ରହ୍ମାସ୍ତ୍ର ୨' ପାଇଁ ନିର୍ଦ୍ଦେଶକ ଆୟାନ ମୁଖାର୍ଜୀ ଏବଂ ଅଭିନେତା ରଣବୀର କପୁର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ରଣବୀର ୨୦୨୭ ଜାନୁଆରୀ ସୁଦ୍ଧା ନିତେଶ ତିୱାରୀଙ୍କ 'ରାମାୟଣ ପାର୍ଟ ୨'ର ସୁଟିଂ ଶେଷ କରିବା ପରେ, ୨୦୨୭ ଏପ୍ରିଲରୁ 'ବ୍ରହ୍ମାସ୍ତ୍ର ୨'ର ସୁଟିଂ ଆନୁଷ୍ଠାନିକ ଭାବେ ଆରମ୍ଭ କରିବେବୋଲି ଜଣା ପଡିଛି । ଏଥିରେ ସେ 'ଦେବ' ଏବଂ 'ଶିବ' ଭାବେ ଏକ ଦ୍ୱେତ ଚରିତ୍ରରେ ନଜର ଆସିବାକୁ ଯାଉଛନ୍ତି । ଏହି ଫିଲ୍ମରେ ଆଲିଆ ଭଟ୍ଟ ପୁଣି ଥରେ 'ଇଶା' ଭୂମିକାରେ ନଜର ଆସିବେ । ସେହିଭଳି 'ଅମୃତା' ଚରିତ୍ର ପାଇଁ ଦୀପିକା ପାଦୁକୋନ୍‌ଙ୍କ ସହ ଆଲୋଚନା ଚାଲିଛି । 'ଧୂମ୍ ୪' ପରି ଅନ୍ୟ ପ୍ରକଳ୍ପଗୁଡ଼ିକୁ ପଛରେ ପକାଇ ରଣବୀରଙ୍କ ପାଇଁ ଏବେ 'ବ୍ରହ୍ମାସ୍ତ୍ର ୨' ମୁଖ୍ୟ ପ୍ରାଥମିକତା ପାଲଟିଥିବା ବେଳେ, ଭାରତୀୟ ପୌରାଣିକ କାହାଣୀ ଏବଂ ଆଧୁନିକ ସିନେମାଟିକ୍ ଶୈଳୀର ଏହି ବିଶାଳ ସଂଯୋଗ ଦର୍ଶକଙ୍କୁ ଏକ ବିଶ୍ୱସ୍ତରୀୟ ଭିଜୁଆଲ୍ ଅନୁଭୂତି ପ୍ରଦାନ କରିବବୋଲି ମେକର୍ସ ଆଶା ରଖିଛନ୍ତି ।





## ଦମଦାର ଚରିତ୍ରରେ କମବ୍ୟାକ

ସୁପରହିଟ୍ ଫିଲ୍ମ 'ସ୍ତ୍ରୀ ୨'ର ଅଭୂତପୂର୍ବ ସଫଳତା ପରେ ଅଭିନେତ୍ରୀ ଶ୍ରଦ୍ଧା କପୁର ପୁଣି ଥରେ ଏକ ଦମଦାର ଚରିତ୍ରରେ କମବ୍ୟାକ କରୁଛନ୍ତି । ତାଙ୍କ ନୂଆ ଚଳଚ୍ଚିତ୍ର 'ଇଥା'କୁ ନେଇ ସବୁସ୍ଥାନରେ ଚର୍ଚ୍ଚା ଲାଗିରହିଛି । ବିଶେଷଭାବେ ଏହାର ରିଲିଜ ଡେଟକୁ ନେଇ ସବୁଠି ଆଲୋଚନା ହେଉଛି । ପୂର୍ବରୁ ୨୦୨୬ ଅଗଷ୍ଟ ୨୮ ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମଟି ଏବେ ୨୦୨୬ ଡିସେମ୍ବର ୪ ତାରିଖରେ ପ୍ରେକ୍ଷାଳୟକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଫିଲ୍ମ 'ଇଥା' ତମାଶା କ୍ୱିନ୍ ଭିଠାବାଇ ଭାଉ ମାଙ୍ଗ ନାରାୟଣଗାଓଁକରଙ୍କ ସତ୍ୟ କାହାଣୀ ଉପରେ ଆଧାରିତ । ରଣଦୀପ ହୁଡ୍ଡା, ମହମ୍ମଦ ଜୀଶାନ୍ ଆୟୁବ୍, ଅନନ୍ତ ଯୋଶୀ ଓ ସିଦ୍ଧାର୍ଥ ଯାଦବଙ୍କ ପରି ଅଭିନେତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିବା ଏହି ଫିଲ୍ମଟି ଡିସେମ୍ବର ମାସରେ ବକ୍ସ ଅଫିସରେ କମାଲ କରିବବୋଲି ପୁରା ଟିମ ଆଶା ରଖିଛି ।



## ଶ୍ରୀଙ୍କ ନୂଆ ଅଧ୍ୟାୟ

ଅନୁରାଗ ବାସୁଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଥିବା ଏକ ରୋମାଣ୍ଟିକ୍ ମ୍ୟୁଜିକାଲ୍ ଫିଲ୍ମରେ ଶ୍ରୀଲୀଲା ନଜର ଆସିବାନେଇ ସୂଚନା ରହିଛି । ଯେଉଁଥିପାଇଁ ସେ ମୁମ୍ବାଇରେ ପହଞ୍ଚି ସୁଟିଂ ମଧ୍ୟ ଆରମ୍ଭ କରିସାରିଛନ୍ତି । ପୂର୍ବରୁ ସମୟସୀମା ସମସ୍ୟା ଯୋଗୁଁ ବିଳମ୍ବିତ ହୋଇଥିବା ଏହି ଫିଲ୍ମର ଅଧିକାଂଶ ସୁଟିଂ ଅଭିନେତା କାର୍ତ୍ତିକ ଆରିୟନ ଶେଷ କରିସାରିଥିବା ବେଳେ, ଏହା ୨୦୨୬ ମସିହାରେ ରିଲିଜ ହେବା ନେଇ ଆଶା କରାଯାଉଛି । ପ୍ରଥମେ 'ଆଶିକୀ ୩' ବୋଲି ଚର୍ଚ୍ଚା ହେଉଥିବା ଏହି ଚଳଚ୍ଚିତ୍ରଟିର ନାମ 'ତୁ ମେରୀ ଜିନ୍ଦଗୀ ହେଁ' ରଖାଯାଇଛି । ଯାହାର ସଙ୍ଗୀତ ନିର୍ଦ୍ଦେଶନା ଭାର ପ୍ରସିଦ୍ଧ ସଙ୍ଗୀତକାର ପ୍ରୀତମ୍ ଗ୍ରହଣ କରିଛନ୍ତି । ନିକଟରେ ଅନନ୍ୟା ପାଣ୍ଡେଙ୍କ ସହ 'ତୁ ମେରୀ ମେଁ ତେରା ମେଁ ତେରା ତୁ ମେରୀ'ରେ ନଜର ଆସିଥିବା କାର୍ତ୍ତିକଙ୍କ ହାତରେ 'ନାଗଜିଲା' ଓ 'ଭୁଲ୍ ଭୁଲେୟା ୪' ପରି ବଡ଼ ଚଳଚ୍ଚିତ୍ର ରହିଥିବା ବେଳେ, ପବନ କଲ୍ୟାଣଙ୍କ ସହ 'ଉସ୍ତାଦ୍ ଭଗତ୍ ସିଂ'ରେ ଅଭିନୟ କରିସାରିଥିବା ଶ୍ରୀଲୀଲା ଆଗାମୀ ଦିନରେ 'ଓମ୍ ଚାପ୍ଟର ୧: ଉଧିରାମ୍ - ଦ ବ୍ଲଡ୍ ଉଡ୍'ରେ ନଜର ଆସିବେ ।




## ନୂଆ ଅନ୍ଦାଜରେ ମନୋରଞ୍ଜନ

ଆଗକୁ ସୈଫ ଅଲ୍ଲୀଖାନଙ୍କୁ ଦେଖିବାକୁ ମିଳିବ ଏକ ନୂଆ ପ୍ରୋଜେକ୍ଟରେ । ସୂଚନା ଅନୁସାରେ ଲେଖିକା କନିକା ଢିଲୋନ୍ଙ୍କ ଡେବ୍ୟୁ ନିର୍ଦ୍ଦେଶନାରେ ନିର୍ମିତ ଥ୍ରୀଲର୍ ଚଳଚ୍ଚିତ୍ରରେ ସୈଫ୍ ଅଲ୍ଲୀ ଖାନ୍ ଏବଂ କିଆରା ଆଡଭାନୀଙ୍କୁ ପ୍ରଥମ ଥର ପାଇଁ ଏକାଠି ଦେଖିବାକୁ ମିଳିବ । ଏକ୍ସେଲ୍ ଏଣ୍ଟରଟେନ୍‌ମେଣ୍ଟ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ସ୍କ୍ରିପ୍ଟ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ଏହାର ସୁଟିଂ ଆରମ୍ଭ କରିବାକୁ ଯୋଜନା କରାଯାଇଛି । 'ମନ୍‌ମର୍ଜିୟାଁ', 'କେଦାରନାଥ', 'ହସୀନ୍ ଦିଲରୁବା' ଓ 'ଡଙ୍କି' ପରି ପ୍ରସିଦ୍ଧ ଫିଲ୍ମର ସ୍କ୍ରିପ୍ଟ ଲେଖି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କନିକା ଏହି ଚଳଚ୍ଚିତ୍ର ମାଧ୍ୟମରେ ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଭାର ଗ୍ରହଣ କରୁଛନ୍ତି । ଏକ ରହସ୍ୟମୟ ଓ ଅଲୌକିକ କାହାଣୀ ଉପରେ ଆଧାରିତ ଏହି ସସପେନ୍ସ ଥ୍ରୀଲର୍‌ରେ ସୈଫ୍ ଏବଂ କିଆରାଙ୍କ ଯୋଡ଼ି ଦର୍ଶକଙ୍କ ପାଇଁ ଏକ ନୂଆ ଏବଂ ଆକର୍ଷଣୀୟ ଅନୁଭୂତି ଆଣିଦେବ ବୋଲି ଆଶା କରାଯାଉଛି । ସେହିଭଳି ଏହି ଫିଲ୍ମରେ ସୈଫଙ୍କୁ ଏକ ନୂଆ ଅନ୍ଦାଜରେ ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି ।



## ପସନ୍ଦ ଆସିବ ସିକୁଏଲ

'ଆୱାରାପନ୍ ୨' ରିଲଜ ପରେ ୨୦୦୭ର ମୂଳ ଚଳଚ୍ଚିତ୍ର 'ଆୱାରାପନ୍' ବର୍ତ୍ତମାନ ଚର୍ଚ୍ଚାକୁ ଆସିଛି । ଏଥିରେ ଆଲିୟା ହାମିଦ୍ ଭୂମିକାରେ ଅଭିନୟ କରିଥିବା ଅଭିନେତ୍ରୀ ଶ୍ରୀୟା ଶରନ୍ ନିକଟରେ ନିଜର ପୁରୁଣା ଅଭିଜ୍ଞତା ବାଣ୍ଟିଛନ୍ତି । ନିର୍ଦ୍ଦେଶକ ମୋହିତ ସୁରୀଙ୍କୁ ଜଣେ ଅତ୍ୟନ୍ତ ଭାବପ୍ରବଣ ନିର୍ଦ୍ଦେଶକ ଭାବେ ସେ ବର୍ଣ୍ଣନା କରିଛନ୍ତି । ସେହିଭଳି ଏହି ଫିଲ୍ମଟି ଅଭିନେତା ଇମ୍ରାନ୍ ହାଶମୀଙ୍କ ପାଇଁ ବହୁତ ଖାସ୍ ଥିଲାବୋଲି ଶ୍ରୀୟା ମତ ଦେଇଛନ୍ତି । ମୂଳ ଫିଲ୍ମଟି ବକ୍ସ ଅଫିସ୍‌ରେ ବିଫଳ ହୋଇଥିବାରୁ ସେ ଅତ୍ୟନ୍ତ ନିରାଶ ହୋଇଥିଲେ ବୋଲି ପ୍ରକାଶ କରିବା ସହ କହିଛନ୍ତି ଯେ ଏହି ଚଳଚ୍ଚିତ୍ରଟି ନିଜ ସମୟଠାରୁ ଯଥେଷ୍ଟ ଆଗୁଆ ଥିଲା । ଲୋକମାନେ ଫିଲ୍ମ ଓ ଏହାର ଗୀତଗୁଡ଼ିକୁ ବହୁତ ଭଲପାଇବା ଦେଇଥିଲେ ହେଁ ତାହା କାହିଁକି ବ୍ୟବସାୟିକ ସଫଳତାରେ ପରିଣତ ହୋଇପାରିନଥିଲା, ଯାହା ସେତେବେଳେ ତାଙ୍କୁ ଦୁଃଖ ଦେଇଥିଲା । ତେବେ କାହାଣୀର ଗଭୀରତା ଯୋଗୁଁ ଆଜି ବି ଲୋକଙ୍କ ହୃଦୟରେ ଏହି ଫିଲ୍ମ ପ୍ରତି ଭଲପାଇବା ରହିଛି ଏବଂ ଆଗାମୀ ସିକ୍ୟୁଏଲ୍ 'ଆୱାରାପନ୍ ୨' ସଫଳ ହେବବୋଲି ସେ ଆଶା ରଖିଛନ୍ତି ।





# ବୁଲି ଯିବା ଆସ ଜହ୍ନ ରାଇଜ

କୁନା କୁନି ଦୁହେଁ ଭାଇ ଭଉଣୀ
ସପନ ଦେଖିଲେ କାଲି
ମନ ଜାହାଜରେ ସାଙ୍ଗ ହୋଇ ଦୁହେଁ
ଯିବେ ଜହ୍ନ ରାଇଜକୁ ବୁଲି ॥
କଥା ହେଲେ ଦୁହେଁ ପହଞ୍ଚି କି ସେଠି
ତୋଳିବା ସେଠାରେ ଘର
ପୃଥିବୀ ଭଳିଆ ଜହ୍ନ ରାଇଜରେ
ଝଡକୁ ନ ଥିବ ଡ଼ର ॥
ନିଃଶ୍ୱାସ ପ୍ରଶ୍ୱାସ ପାଇଁକି ସେଠାରେ
ଗଛ ଲତା ଲଗାଇବୁ
ବରଷା ପାଣିକୁ ସଞ୍ଚୟ କରି
ଫୁଲ ଫଳ ଫଳାଇବୁ ॥
ବିଦ୍ୟାଳୟ ଆଉ କଳ କାରଖାନା
ସବୁ ସେଠି ବସାଇବୁ
ସବୁ ପିଲା ମାନେ ପାଠ ପଢି ସେଠି
ଭଲ ମଣିଷ ଗଢି ଦେବୁ ॥
ନ ଥିବ ସେଠାରେ ଆତଙ୍କର ଡ଼ର
ନ ଥିବ କାହା ଆକଟ
ନ ରହିବ ସେଠି କଳି ଓ ଝଗଡା
ନ ଥିବ ହିଂସା କପଟ ॥
ଦିନ ଆସିଯିବ ପୃଥିବୀ ପୃଷ୍ଠରେ
ଜାଗା ତ ମିଳିବ ନାହି
ସବୁ ଛାଡି ଦେଇ ଜହ୍ନ ରାଇଜରେ
ମଣିଷ ରହିବେ ଯାଇ ॥
ରାତି ପାହିଗଲା ସକାଳ ହେଲା
କୁନା କୁନି ଦୁହେଁ ନିଦୁ ଉଠିଲେ
ସପନ ଦେଖିବା କଥା ଗୁଡିକକୁ
ସବୁ ତକ ଭୁଲି ଗଲେ ॥

**ଦେବସ୍ମିତା ଦତ୍ତ**
ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ରସୁଲପୁର, ଯାଜପୁର
ମୋ: ୯୭୭୬୨୦୩୩୦୦

# ସବୁତ ତୁମରି ଖେଳ

କାହିଁ କର ଦୂର ମତେ
ହେ ଜଗତ ସାଇଁ
କେଉଁ ଦୋଷେ ଦିଅ ଦଣ୍ଡ
ତୁମଠୁ ଦୂରେଇ ॥
ସବୁତ ତୁମରି ଲୀଳା ଖେଳ
ମୋ କଳ୍ପନା ତୁମ ଇଚ୍ଛାଧୀନ
ମୋ ପାପ ମୋ ପୁଣ୍ୟ
ସବୁ ତୁମ ଦୟା ଦାନ ॥
ତୁମରି ଇସାରାରେ
ଏଠି ହୁଏ ରାତି ଦିନ
ମାଗିବା ନ ମାଗିବା
ସବୁ ତୁମରି ଶାସନ ॥
ମୁଁ କାଠ କାଣ୍ଢେଇଟିଏ
ମୋର ଯାହା ସବୁ ତୁମର
ରଖ ଖାଲି ତୁମରି ଶରଣେ
ବିତିଯାଉ ଦିନ ଏ ଅଧମର ॥

**ଅନସୂୟା ପଣ୍ଡା**
ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧



# ନଈବଢ଼ି ଦେଲା ଦୁଃଖ


ସଜଡା ଘରକୁ ଉଜାଡ଼ି ଦେଇଛି
ଶିରାବଣ ବଢ଼ି ପାଣି
ଦାଣ୍ଡେ ଖେଳୁଅଛି ଗୋଳିପାଣି ସୁଅ
ଦେଖାଉଚି କେତେ ଠାଣି ॥
ଦୁରୁବଳ ଯେତେ ନଈବନ୍ଧ ସବୁ
ଛାଆଁକୁ ପଡ଼ିଲା ଭାଙ୍ଗି
ବାଲିଅଖା ଥୋଇ ରୋକିପାରିଲେନି
ଲୋକ ତ ପାଣିକୁ ଲାଗି ॥
ଖେଳୁ ଖେଳୁ ଦାଣ୍ଡେ ଭାସିଗଲେ କେତେ
ଅବୋଧ ଅଝଟ ଶିଶୁ
ଦେଖିଲା ବିଲରେ ଉଜୁଡ଼ି ଯାଇଛି
ସୁନାର ଫସଲ ବିଶୁ ॥
ଧରିଥିଲା ଗଛେ ଜହ୍ନି ବାଇଗଣ
କଖାରୁ କାକୁଡି କଷି
ଗଛ ଉପୁଡ଼ିଲା ସୁଅରେ ସବୁତ
ବହୁଦୂର ଗଲା ଭାସି ॥
ମାଗଣା ଚାଉଳ ପାଇ ଶାନ୍ତିଖୁଡୀ
ରାନ୍ଧିଲା ଚୁଲିରେ ଭାତ
ଭାତ ଆଳୁସିଝା ଖାଉ ଖାଉ ଅଜା
ଜଗାକୁ ଯୋଡ଼ିଲେ ହାତ ॥
କହିଲେ ଠାକୁର ନଈବଢ଼ି ଦୁଃଖ
ଦିଅନା କାହାକୁ ଆଉ
ଘର ଭାଙ୍ଗିଦେବା ସବୁ ଧୋଇନେବା
ନରହୁ ବିପଦ ଭାଉ ॥
କଳାମଣିମାଙ୍କ ହାତଗଢ଼ା ସବୁ
ନିଆଁ ଓ ପବନ ପାଣି
ଥମିଯାଉ ମେଘ କମିଯାଉ ବେଗ
ନ ଆସୁ ବରଷା ରାଣୀ ॥
ଶୁଖିଯାଉ ପାଣି କମିଯାଉ ଠାଣି
ଓଠଧାରେ ହସ ଫୁଟୁ
ଶାନ୍ତିରେ ଜୀବନ ବିତାନ୍ତୁ ସଭିଏଁ
ସୁଖର ସୂରୁଜ ଉଠୁ ॥

**ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

# ସକାଳ ବୁଲା ଦେହକୁ ହିତ

ସକାଳ ବୁଲା ଦେହକୁ ହିତ
ଏ କଥା ଭୁଲି ନଯାଅ ମିତ
ପ୍ରଫୁଲ ରଖେ ଦେହ ଓ ମନ
ଶାନ୍ତ ରହେ ଚିତ୍ତ ॥
ସକାଳ ସୂର୍ଯ୍ୟ କଅଁଳ ଖରା
ଭିଟାମିନ -ଡ଼ି ' ରହିଛି ପରା
ଖାଲି ଦେହରେ ଚାଲିବା ଯଦି
ରୋଗ ନଦେବ ଧରା ॥
ଚଞ୍ଚଳ ପାଦେ ଚାଲି ସଅଳ
ଦେହରୁ ଯଦି ବହଇ ଝାଳ
ଫୁସ ଫୁସ ଆମ ହେବ ସବଳ
ସ୍ୱାସ୍ଥ୍ୟ ରହିବ ଭଲ ॥
ସକାଳେ ମିଳେ ଶୁଦ୍ଧ ପବନ
ମିଳଇ ଶୁଦ୍ଧ ଅମ୍ଳଜାନ
ସେ ପରା ରଖେ ଆମ ଜୀବନ
ତା 'ପ୍ରତି ଦେବା ଧ୍ୟାନ ॥
ବଡ଼ି ସକାଳୁ ସଅଳ ଉଠି
ସାରି ଦେଇଣ ନିତ୍ୟ ପାଇଟି
ସକାଳ ବୁଲା ନକରି ଢ଼ିଲା
ବାହାରି ଯିବା ଝଅଟି ॥

**ବସନ୍ତ କୁମର ପ୍ରଧାନ**
ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ: ୭୭୩୫୬୧୧୪୮୪



ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର



**ଆଜିକାଲିର ଫ୍ୟାଶନ୍ ଦୁନିଆରେ ଜୋତା କେବଳ ପାଦର ଆବଶ୍ୟକତା ହୋଇ ରହିନାହିଁ, ବରଂ ଏହା ଏକ ପ୍ରମୁଖ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି । ତେବେ ଅନେକ ସମୟରେ କେଉଁ ଜୋତା ସହ କେଉଁ ଡ୍ରେସ ମ୍ୟାଚ କରି ପିନ୍ଧିବେ ତାକୁ ନେଇ ଦ୍ୱନ୍ଦ୍ୱ ରହିଥାଏ । ଆସନ୍ତୁ ଜାଣିବା କିଛି ଟ୍ରିକ ସମ୍ପର୍କରେ ଯାହା ଆପଣଙ୍କୁ ଏକ ଷ୍ଟାଇଲିଷ୍ଟ ଲୁକ ଦେବ ।**

# ଫେୟାର ପେୟାର



## ବ୍ରାଉନ୍ ସ୍ନିକର୍ସ

ପାରମ୍ପରିକ କଳା କିମ୍ବା ଧଳା ଜୋତା ସ୍ଥାନରେ ଏବେ ଗାଢ଼ ଓ ହାଲୁକା ବାଦାମୀ ରଙ୍ଗର ସ୍ନିକର୍ସ ବେଶ୍ ଆଦୃତ ହେଉଛି । ବିଭିନ୍ନ ବ୍ରାଣ୍ଡର ଏହି ସ୍ନିକର୍ସ ସହ 'ଷ୍ଟାଉଡ୍'ର ସ୍ଲାଇଟ୍ ମୁଭମେଣ୍ଟ ଥିବା ମିଡି ଡ୍ରେସ୍ ପିନ୍ଧିବା ଦ୍ୱାରା ଲୁକ୍ ଅଧିକ ଷ୍ଟାଇଲିଷ୍ଟ ଦେଖାଯାଏ ।



## ଲାଲ୍ ସ୍ନିକର୍ସ

ରଙ୍ଗୀନ୍ ସ୍ନିକର୍ସ ମଧ୍ୟରେ ଲାଲ୍ ଏବଂ ଗୋଲାପୀ ରଙ୍ଗ ମିନିମାଲିଷ୍ଟ ଟ୍ରେଣ୍ଡକୁ ଏକ ନୂଆ ମୋଡ଼ ଦେଇଛି । ଫ୍ଲାଟ୍-ସୋଲ୍ ଥିବା ଲାଲ୍ ସ୍ନିକର୍ସ ସହ ଷ୍ଟ୍ରାଇପ୍‌ସ ଓ ଅସମାନ କାଟ୍ ଥିବା ଆଧୁନିକ ମିଡି ସ୍କର୍ଟ ପିନ୍ଧିଲେ ଏହା ଆପଣଙ୍କୁ ଏକ ଆକର୍ଷଣୀୟ ଲୁକ୍ ପ୍ରଦାନ କରେ । ଏହା ଖୁବ ଷ୍ଟାଇଲିସ ହୋଇଥାଏ ।

## ସୁଏଡ୍ ସ୍ନିକର୍ସ

'ମାସିମୋ ଡୁଟି'ର ସୁଏଡ୍ ସ୍ନିକର୍ସ କାର୍ଯ୍ୟାଳୟ ପାଇଁ ଅତ୍ୟନ୍ତ ସଫୋଷ୍ଟିକେଟେଡ୍ ଓ ଆରାମଦାୟକ । ଏହି ସ୍ନିକର୍ସକୁ ଏକ କଳା ରଙ୍ଗର ସ୍ପେଗେଟି-ଷ୍ଟ୍ରାପ୍ ଡ୍ରେସ୍ ସହ ପିନ୍ଧିଲେ ଏକ ସାଧାରଣ, କ୍ଲାସିକ୍ ଲୁକ୍ ମିଳିଥାଏ । ଏହା ସବୁ ଅକେଜନ ପାଇଁ ବେଶ୍ ସୁନ୍ଦର ହୋଇଥାଏ ।

## ପିଙ୍କ୍ ସ୍ନିକର୍ସ

ଆଜିକାଲି ହାଲୁକା ବା ପାଷ୍ଟେଲ୍ ଗୋଲାପୀ ରଙ୍ଗର ସ୍ନିକର୍ସ ବେଶ୍ ଟ୍ରେଣ୍ଡରେ ଅଛି । ଏହି ସ୍ନିକର୍ସଗୁଡ଼ିକ ଧଳା ରଙ୍ଗ ଭଳି ଯେକୌଣସି ପୋଷାକ ସହ ସହଜରେ ମ୍ୟାଚ୍ ହୋଇଯାଏ । ଏହାକୁ ରଫଲ୍ଡ୍ ସ୍କର୍ଟ ସହ ପିନ୍ଧିଲେ ଏକ ସିମ୍ପଲ ଓ ସୁନ୍ଦର ଲୁକ୍ ମିଳିଥାଏ ।

## ମେସ୍-ଷ୍ଟାଇଲ୍

ଫ୍ୟାଶନ୍ ଦୁନିଆରେ ମେସ ଷ୍ଟାଇଲ ସ୍ନିକର୍ସ ଏବେ ଖୁବ ଟ୍ରେଣ୍ଡରେ ରହୁଛି । ଏହି ସ୍ନିକର୍ସକୁ ଲିଓପାଡ ପ୍ରିଣ୍ଟ ଥିବା ମାକ୍ସି କିମ୍ବା ମିଡି ସ୍କର୍ଟ ସହ ପିନ୍ଧିଲେ ଏକ ସ୍ୱତନ୍ତ୍ର ଲୁକ୍ ମିଳିଥାଏ । ଏହି ଲୁକ ଖୁବ ଷ୍ଟାଇଲିସ ହୋଇଥାଏ ।



# ଭାସମାନ ଘର

**ବର୍ତ୍ତମାନ ଭାରତର ବିଭିନ୍ନ ରାଜ୍ୟରେ ଦେଖିବାକୁ ମିଳିଛି ବନ୍ୟା ପରିସ୍ଥିତି, ଯେଉଁ କାରଣରୁ ଅନେକ ଲୋକ ନିଜ ବାସ ଗୃହ ହରାଇବା ସହିତ ଜଳବନ୍ଦୀ ଜୀବନ ବଞ୍ଚୁଛନ୍ତି । ତେବେ ଏଭଳି ସମସ୍ୟାରୁ ମୁକୁଳିବା ପାଇଁ ବିହାରର ଜଣେ ଯୁବକ ନିର୍ମାଣ କରିଛନ୍ତି ଭାସମାନ ଘର, ଯାହା ବର୍ତ୍ତମାନ ଖୁବ ଚର୍ଚ୍ଚାର ବିଷୟ ପାଲିଟିଛି ।**

ପ୍ରତିବର୍ଷ ମୌସୁମୀ ଋତୁ ଆସିଲେ ବିହାରର ହଜାର ହଜାର ପରିବାର ଗୋଟିଏ ବଡ଼ ଭୟ ମଧ୍ୟରେ ଦିନ କାଟନ୍ତି । ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଘର ଭିତରେ ପାଣି ପଶିଯାଏ, ରାସ୍ତାଘାଟ ବୁଡ଼ିଯାଏ ଏବଂ ସମ୍ପୂର୍ଣ୍ଣ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼େ । କିନ୍ତୁ ଏବେ ଗଙ୍ଗା ନଦୀ କୂଳରେ ଏପରି ଏକ ବିଶେଷ ଘର ତିଆରି କରାଯାଇଛି, ଯାହା ବନ୍ୟା ପାଣି ବଢ଼ିବା ସହିତ ନିଜେ ମଧ୍ୟ ଉପରକୁ ଭାସିବାକୁ ଲାଗିବ ବିହାରରେ ମୌସୁମୀ ବନ୍ୟା ଯୋଗୁଁ ହେଉଥିବା ବ୍ୟାପକ କ୍ଷତି ଦେଖିବା ପରେ ପ୍ରଶାନ୍ତ କୁମାରଙ୍କ ମନରେ ଏହି ନିଆରା ଚିନ୍ତାଧାରା ଆସିଥିଲା । ପ୍ରଶାନ୍ତ ପେଶାରେ ଜଣେ ଇଞ୍ଜିନିୟର, ଯାହା ତାଙ୍କର ଏହି ଚାନ୍ତାଧାରାକୁ ଅଧିକ ଖୋରାକ ଯୋଗାଇଥିଲା । ତାଙ୍କର ଚିନ୍ତାଧାରାରୁ ଜନ୍ମ ନେଇଥିଲା ଭାରତର ପ୍ରଥମ ଜଳବାୟୁ-ସହନଶୀଳ ଭାସମାନ ଘର ।



ଗଙ୍ଗା ନଦୀ କୂଳରେ ତିଆରି ହୋଇଥିବା ଏହି ତିନି ବଖରିଆ ଘରଟି ପ୍ରଚଣ୍ଡ ଖରାଦିନେ ଥଣ୍ଡା ଓ ପବନପୂର୍ଣ୍ଣ ରହୁଥିବା ବେଳେ ଶୀତଦିନେ ଉଷୁମ ରହେ ଏବଂ ବନ୍ୟା ସମୟରେ ପାଣି ଉପରେ ସହଜରେ ଭାସିପାରେ । ପ୍ରକୃତି ସହ ତାଳ ଦେଇ ରହିବା ପାଇଁ ତିଆରି କରାଯାଇଥିବା ଏହି ଘର ଦେଶର ଏକ ବଡ଼ ଜଳବାୟୁ ସମସ୍ୟାର ସରଳ ସମାଧାନ ସାଜିଛି ।

## ବିଶେଷତ୍ୱ

ଏହି ଘରର ବିଶେଷତ୍ୱ ହେଉଛି, ଏହାକୁ ତିଆରି କରିବା ପାଇଁ ବ୍ୟବହୃତ ସମସ୍ତ ସାମଗ୍ରୀ କେବଳ ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରୁ ସଂଗ୍ରହ କରାଯାଇଛି, ଯାହା ପରିବେଶ ପ୍ରଦୂଷଣକୁ ଯଥେଷ୍ଟ କମ୍ କରିଥାଏ । ଏଥିରେ ପୁରୁଣା ବ୍ୟବହୃତ ପାଇପ୍ ଏବଂ ଗାଈ ଗୋବର, ଚୂନ, ଗୁଡ଼ ଓ ଧାନ କୁଣ୍ଡାରୁ ତିଆରି ଇଟା ବ୍ୟବହାର କରାଯାଇଛି । ଏହାସହ ବିଦ୍ୟୁତ୍ ପାଇଁ ସୋଲାର ପ୍ୟାନେଲ୍, ସବୁଜ ବଗିଚା ଏବଂ ବର୍ଜ୍ୟବସ୍ତୁକୁ ଖତରେ ପରିଣତ କରୁଥିବା ଶୁଖିଲା ଶୌଚାଳୟ ବ୍ୟବସ୍ଥା ମଧ୍ୟ ରହିଛି । ଏହି ସମ୍ପୂର୍ଣ୍ଣ ନିଆରା ଘରଟି ମାତ୍ର ୬ ଲକ୍ଷ ଟଙ୍କା ଖର୍ଚ୍ଚରେ ତିଆରି ହୋଇଛି । ପ୍ରଶାନ୍ତଙ୍କ ସ୍ୱପ୍ନ କେବଳ ଗୋଟିଏ ଘର ମଧ୍ୟରେ ସୀମିତ ନୁହେଁ । ସେ ଏହି ନିର୍ମାଣ ଖର୍ଚ୍ଚକୁ ୧.୫ ଲକ୍ଷ ଟଙ୍କାକୁ କମାଇବା ପାଇଁ ଚେଷ୍ଟା କରୁଛନ୍ତି, ଯାହାଦ୍ୱାରା ଗରିବ ଓ ସାଧାରଣ ଲୋକମାନେ ଏହାକୁ ସହଜରେ ଆପଣାଇପାରିବେ । ଆଗାମୀ ଦିନରେ ବିହାରରେ ଏକ ସମ୍ପୂର୍ଣ୍ଣ "ଭାସମାନ ଗାଁ" ଗଢ଼ିତୋଳିବାକୁ ସେ ଲକ୍ଷ୍ୟ ରଖିଛନ୍ତି, ଯାହା ବନ୍ୟା ସମୟରେ ମଧ୍ୟ ସୁରକ୍ଷିତ ଓ ଆତ୍ମନିର୍ଭରଶୀଳ ହୋଇରହିପାରିବ । ତାଙ୍କର ଏହି ନିଆରା ନିର୍ମାଣ ଶୈଳୀର ପ୍ରଶଂସା ସବୁଆଡେ ହେବା ସହିତ ସୋସିଆଲ ମିଡିଆରେ ଏହା ଖୁବ ଚର୍ଚ୍ଚିତ ପାଲଟିଛି ।



# ପରିଶ୍ରମର ଫଳ

**ଅନେକ ସମୟରେ ଜୀବନର ମହତ୍ତ୍ୱ ଆମର ଛୋଟଛୋଟ ନିଷ୍ପତ୍ତିରୁ ଆସିଥାଏ । ତେବେ ଏହି ନିଷ୍ପତ୍ତି କିଭଳି ସହଜରେ ନେଇହେବ ସେଥିପାଇଁ ଆମକୁ ପିଲାଦିନୁ ଆଇମାଆମାନେ କାହାଣୀ ମାଧ୍ୟମରେ ପ୍ରସ୍ତୁତ କରାଇଥାଆନ୍ତି । ଆସନ୍ତୁ ସେହିଭଳି ଏକ ଗପ ସମ୍ପର୍କରେ ଶୁଣିବା, ପରିଶ୍ରମର ଫଳ ।**



ସୁନ୍ଦରପୁର ବୋଲି ଏକ ସୁନ୍ଦର ଗାଁ ଥିଲା । ସେହି ଗାଁରେ ଟୁଟୁ ନାମକ ଜଣେ ଦୟାଳୁ ଓ ପରିଶ୍ରମୀ ସାନ ପୁଅ ରହୁଥିଲା । ଟୁଟୁ ଗଛଲତା ଓ ପଶୁପକ୍ଷୀଙ୍କୁ ବହୁତ ଭଲ ପାଉଥିଲା । ସେ ପ୍ରତିଦିନ ସକାଳେ ଉଠି ନିଜ ବାଡ଼ି ଗଛରେ ପାଣି ଦେଉଥିଲା । ଦିନକର କଥା, ଟୁଟୁ ନିଜ ବଗିଚାରେ ଖେଳୁଥିବାବେଳେ ଗୋଟିଏ ସାନ ଚଢ଼େଇକୁ ତଳେ ପଡ଼ି କାନ୍ଦୁଥିବାର ଦେଖିଲା । ଚଢ଼େଇଟିର ଗୋଟିଏ ଡେଣାରେ ଆଘାତ ଲାଗିଥିଲା, ଯାହାଫଳରେ ସେ ଉଡ଼ିପାରୁ ନଥିଲା । ଟୁଟୁ ତାକୁ ଦେଖି ବହୁତ ଦୁଃଖୀ ହେଲା । ସେ ତୁରନ୍ତ ଚଢ଼େଇଟିକୁ ନିଜ ହାତରେ ଉଠାଇ ଘରକୁ ନେଇଗଲା । ଟୁଟୁ ବହୁତ ଯତ୍ନର ସହ ଚଢ଼େଇର ଡେଣାରେ ଔଷଧ ଲଗାଇଦେଲା ଏବଂ ତାକୁ ଖାଇବାକୁ କିଛି ଦାନା ଓ ପିଇବାକୁ ପାଣି ଦେଲା । କିଛି ଦିନ ଧରି ସେ ଚଢ଼େଇଟିର ସେବା କଲା । ଟୁଟୁର ସେବା ଓ ଭଲପାଇବା ପାଇ ଚଢ଼େଇଟି ଶୀଘ୍ର ଭଲ ହୋଇଗଲା । ଦିନେ ସକାଳେ ଚଢ଼େଇଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଡ଼ିବାକୁ ପ୍ରସ୍ତୁତ ହେଲା । ଉଡ଼ିଯିବା ପୂର୍ବରୁ ସେ ଟୁଟୁ ଆଗରେ ଗୋଟିଏ ଛୋଟ ଗଛର ମଞ୍ଜି ରଖିଦେଲା ଏବଂ ମିଠା ସ୍ୱରରେ ରାବ କରି ଉଡ଼ିଗଲା । ଟୁଟୁ ସେହି ମଞ୍ଜିଟିକୁ ନେଇ ନିଜ ବଗିଚା ମାଟିରେ ପୋତିଦେଲା ଏବଂ ନିୟମିତ ପାଣି ଦେଲା । କିଛି ଦିନ ପରେ ସେହି ମଞ୍ଜିରୁ ଗୋଟିଏ ସୁନ୍ଦର ଗଛ ବାହାରିଲା । ସେହି ଗଛରେ ସାଧାରଣ ଫଳ ବଦଳରେ ରଙ୍ଗବେରଙ୍ଗର ମିଠା ମିଠା ଫଳ ଫଳିଲା, ଯାହାକୁ ଖାଇ ଗାଁର ସବୁ ପିଲା ବହୁତ ଖୁସି ହେଲେ । ଏହାସହ ଟୁଟୁର ବାପା ମଧ୍ୟ ଉକ୍ତ ଫଳକୁ ବଜାରରେ ବିକ୍ରି କରି ବେଶ ଦୁଇ ପଇସା ରୋଜଗାର ମଧ୍ୟ କରିଥିଲେ । ଟୁଟୁର ଦୟା ଓ ପରିଶ୍ରମ ଯୋଗୁଁ ଆଜି ଏ ସବୁ ସମ୍ଭବ ହୋଇପାରିଥିଲା । ତେଣୁ ଆମେ ସଦାସର୍ବଦା ପଶୁପକ୍ଷୀଙ୍କ ପ୍ରତି ଦୟାଭାବ ରଖିବା ଉଚିତ୍ । ଆମର ଭଲ କାମର ଫଳ ସବୁବେଳେ ମିଠା ହୋଇଥାଏ । ପରିଶ୍ରମ କଲେ ସବୁବେଳେ ମିଠା ଫଳ ପ୍ରାପ୍ତ ହୋଇଥାଏ ।



# ସୁନା ଝିଅ ପାୟଲ

**ପଙ୍ଗୁ ଲଙ୍ଘୟତେ ଗିରି । ହାତ ନାହିଁ, ଗୋଡ଼ ନାହିଁ, ତଥାପି ସେ ଜଗତ ଜିତା । କଷ୍ଟସାଧ୍ୟ କ୍ରୀଡ଼ା ତୀରନ୍ଦାଜୀରେ ସେ କରିଛନ୍ତି କମାଲ । ଆଖିରେ ନ ଦେଖିଲେ ବିଶ୍ୱାସ ହେବନି, ଯେ କୁନି ଝିଅ ପାୟଲ ସାରା ବିଶ୍ୱକୁ କିଭଳି ଚକିତ କରିଛନ୍ତି ନିଜ ଦକ୍ଷତା ବଳରେ । ତାଙ୍କର ଏହି କୃତୀତ୍ୱ ପାଇଁ ବଲାଙ୍ଗୀର ମାଟି ଗର୍ବିତ ।**

ପାୟଲ ନାଗ ବିଶ୍ୱ ପାରା-ତୀରନ୍ଦାଜ ସିରିଜରେ ଦୁଇଟି ସ୍ୱର୍ଣ୍ଣ ଜିତି ଗୌରବ ଆଣିଛନ୍ତି। ଏହି ଦିବ୍ୟାଙ୍ଗ ତୀରନ୍ଦାଜ ୧୮ ବର୍ଷ ତଳେ ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ, ବାନ୍ଧୁପଲା ଗ୍ରାମ ପଞ୍ଚାୟତର ଜମୁନାବାହାଲ ଗାଁ ମାଟିରେ ଜନ୍ମ ହୋଇଥିଲେ। ପିତା ବିଜୟ ନାଗ ଓ ମାତା ଜନତା ନାଗ ପେସାରେ ଶ୍ରମିକ ଓ ସେମାନଙ୍କ ଚାରି ସନ୍ତାନଙ୍କ ମଧ୍ୟରେ ପାୟଲ ଦ୍ୱିତୀୟ ଝିଅ। ସେହି ଭିନ୍ନକ୍ଷମ ଝିଅ ବିଶ୍ୱ ପାରା ତୀରନ୍ଦାଜ ବିଜୟିନୀ ସାଜି ସମସ୍ତଙ୍କୁ ଚକିତ କରିଛନ୍ତି। ପରିବାରର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ଏବଂ ପିତା ଦାଦନ ଶ୍ରମିକ ଭାବରେ ରୋଜଗାର କରି ପରିବାର ପରିପୋଷଣ କରୁଛନ୍ତି । ସେ ସମୟରେ ପାୟଲ ୮ ବର୍ଷର ଝିଅ ଓ ତୃତୀୟ ଶ୍ରେଣୀରେ ଗାଁ ସ୍କୁଲରେ ପାଠ ପଢୁଥିଲେ ।

୨୦୧୫ରେ ପରିବାର ଦାଦନ ଖଟିବା ପାଇଁ ରାୟପୁର (ଛତିଶଗଡ଼)ରେ ଠିକାଦାର ଶିବ ସାହୁଙ୍କ ଅଧିନରେ ଇଟାଭାଟି ଶ୍ରମିକ ଭାବରେ କାମ କରୁଥିଲ। ଝିଅ ମଧ୍ୟ ସ୍କୁଲର ପାଠ ଛାଡ଼ି



ପରିବାର ସହିତ ରାୟପୁର ଆସି ସମସ୍ତଙ୍କ ସାଙ୍ଗରେ ରହୁଥିଲେ। ୧୬ ଏପ୍ରିଲ୍ ୨୦୧୫ ଥିଲା ନାଗ ପରିବାର ପାଇଁ ଏକ ଅଶୁଭ ଦିନ। ପାୟଲ ଘର ଭିତରେ ଭାଇ ସହିତ ଖେଳୁଥିବା ସମୟରେ ଉଚ୍ଚ ଭୋଲଟେଜ (୧୧,୦୦୦ କେ.ଭି) ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏପରି ଗୁରୁତର ହୋଇପଡ଼ିଥିଲେ ଯେ ତାଙ୍କ ଜୀବନ ବଞ୍ଚାଇବା ପାଇଁ ଉଭୟ ଗୋଡର ଆଣ୍ଠୁ ତଳକୁ ଏବଂ ଡାହାଣ ହାତର ବାହୁ ଠାରୁ ତଳକୁ ଓ ବାମ ହାତର କହୁଣି ତଳକୁ କାଟିବାକୁ ପଡ଼ିଥିଲା। ଏଆଇଏମ୍ଏସ୍ ରାୟପୁର ହସ୍ପିଟାଲରୁ ଡିସଚାର୍ଜ ନେବା ପରେ ପରିବାର ବର୍ଗ ନିଜ ଗାଁ ମାଟିକୁ ଫେରି ଆସିଥିଲେ।

ପରିବାର ଆର୍ଥିକ ଅବସ୍ଥା ଓ ଆଗାମୀ ଦିନକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତରଫରୁ ପାୟଲକୁ ପାର୍ବତୀ ଗିରି ବାଲ ନିକେତନ, ପଥରଚେପା, ବଲାଙ୍ଗୀରଠାରେ ୨୦୧୯ରେ ଭର୍ତ୍ତି କରାଯାଇଥିଲା ଓ ସେ ସେଠାରେ ୨୦୨୨ ପର୍ଯ୍ୟନ୍ତ ରହିଥିଲେ। ପରେ ସେ ନବମ ଶ୍ରେଣୀରୁ ପଲ୍ଲୀଶ୍ରୀ ସ୍କୁଲ ସଦେଇପାଲିରେ ପଢ଼ିଥିଲେ। ଏହିଠାରେ ହିଁ ପାଲଙ୍କ ବହୁବିଧ କଳା ପ୍ରତିଭା ପ୍ରକାଶ ପାଇଥିଲା। ସୁନ୍ଦର ଚିତ୍ର ଅଙ୍କନ ପାଇଁ ବ୍ଲକ ଓ ଜିଲ୍ଲା ସ୍ତରରେ ପୁରସ୍କୃତ ହୋଇଥିଲେ ଓ ରାଜ୍ୟ ସ୍ତରୀୟ ଛାତ୍ର, ଛାତ୍ରୀଙ୍କ ପାଇଁ ଅନୁଷ୍ଠିତ ସୁରଭୀ ସମାବେଶରେ ମଧ୍ୟ ସମ୍ମାନିତ ହୋଇଥିଲ। ଏହି କଳା ପ୍ରତିଭା ଉପରେ ମୋହର ଲାଗିଥିଲା, ଯେତେବେଳେ ସେ ସମୟରେ ଓଡ଼ିଶା ସରକାରଙ୍କ ଉନ୍ନୟନ କମିସନର ଅନୁ ଗର୍ଗଙ୍କ ବଲାଙ୍ଗୀର ଗସ୍ତ ସମୟରେ ଓ ବାଳନିକେତନ, ପଥରଚେପା ପରିଦର୍ଶନ ସମୟରେ ପାୟଲ ନିଜେ ମୁହଁରେ ବ୍ରସ ଧରି ଶ୍ରୀମତୀ ଗର୍ଗଙ୍କ ଅବିକଳ ଫଟୋଚିତ୍ର ଉପହାର ଦେବା ସମୟରେ ବହୁତ ଖୁସି ହୋଇ ସନ୍ତୋଷ ବ୍ୟକ୍ତ କରିଥିଲେ ଓ ଜିଲ୍ଲା ପ୍ରଶାସନକୁ ପାଲୟର କୃତ୍ରିମ ଅଙ୍ଗ ରୋପଣ ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲୋ। ଜିଲ୍ଲାପାଳ ଶ୍ରୀଯୁକ୍ତ ରାଣା ଆଧୁନିକ ଚିକିତ୍ସା ତଥା ଅଙ୍ଗରୋପଣର ବ୍ୟବସ୍ଥା ପାଇଁ ଏଡଭାନ୍ସ ରିହେବିଲିଏସନ ସେଣ୍ଟର, ଭୁବନେଶ୍ୱରକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ।

ଏହି ଝିଅର ଜୀବନରେ ଗୋଟିଏ ବଡ ପରିବର୍ତ୍ତନ ଆଶା ସଂଞ୍ଚାର ହୋଇଥିଲା ଯେତେବେଳେ ତତ୍କାଳୀନ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଣା ଜମ୍ମୁ (ଜମ୍ମୁ ଓ କାଶ୍ମିର) ରେ ଅବସ୍ଥିତ ଗୁରୁତ୍ୱପୂର୍ଣ୍ଣ ପଦବୀରେ












ଅବସ୍ଥିତ ତାଙ୍କ ବନ୍ଧୁଙ୍କ ସହିତ ଆଗାମୀ ଦିନରେ ଏହି ଝିଅର କିପରି ଥଇଥାନ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ପରିବାର ସହିତ ପରାମର୍ଶ କରି ସ୍ରାଇନ୍ବୋର୍ଡ ସ୍ପୋର୍ଟ୍ସ, କାଟ୍ରା (ଜମ୍ମୁ) ଠାରେ ଅନୁଷ୍ଠିତ ପାରା ଅଲମ୍ପିକ ତୀରନ୍ଦାଜ ପ୍ରଶିକ୍ଷଣ ସେଣ୍ଟରଠାରେ ବ୍ୟବସ୍ଥା କରିଥିଲେ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବଲାଙ୍ଗିରଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ ଓ ୯ ଜୁନ୍ ୨୦୨୩ ମସିହା ଠାରୁ ସେହି ସେଣ୍ଟରରେ ଶିକ୍ଷା ନେବା ପରେ ଏକ ନୂତନ ଆଶାର ସୃଷ୍ଟି ହୋଇଥିଲା। ୧୨ କ୍ଲାସର ଛାତ୍ରୀ ଥାଇ ପାଠକୁ ସ୍ଥଗିତ ରଖି ଏକାଡେମୀରେ ପ୍ରଶିକ୍ଷଣରେ ଯୋଗଦାନ କରିଥିଲେ ଓ  ଆଗକୁ ପାଠପଢାକୁ ସମ୍ପୂର୍ଣ୍ଣ କରିବା ପାଇଁ ଇଚ୍ଛା ମଧ୍ୟ ରଖିଥିଲେ। ଏହି ପ୍ରଶିକ୍ଷଣ ସେଣ୍ଟରେ ଯୋଗଦାନ ପରେ ମାନସିକ ସ୍ତରରେ ପ୍ରସ୍ତୁତି ପାଇଁ ପାୟଲକୁ ପ୍ରଥମରେ ଦୁଇ ବାହୁ ବିହିନ ବିଶ୍ୱ ଚର୍ଚ୍ଚିତ ପାରା ତୀରନ୍ଦାଜ ତଥା ପାରା ଅଲମ୍ପିକରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଶୀତଲ ଦେବୀଙ୍କ ଉପରେ ପ୍ରସ୍ତୁତ ଭିଡିଓକୁ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରଶିକ୍ଷଣ ସେଣ୍ଟରେ ଥିବା ସମୟରେ କୋଚ୍ କୁଲଦୀପ ବେଦୱାନ ଏହି ଝିଅର ସ୍ଥିତିକୁ ଅନୁଧ୍ୟାନ କରି ଏକ ସ୍ୱତନ୍ତ୍ର ଧନୁର ବ୍ୟବସ୍ଥା କରିଥିଲେ। ଏହାକୁ ଡାହାଣ ଗୋଡରେ ଓ ନିଜ ମୁହଁରେ ଧନୁକୁ ଧରି ତୀରକୁ କାନ୍ଧ ସାହାଯ୍ୟରେ ସୁନ୍ତୁଳିତ ଭାବରେ ଲକ୍ଷଭେଦ କରି ପାରିବେ ସେପରି ବ୍ୟବସ୍ଥା କରିଥିଲେ। ତିନିମାସ ପର୍ଯ୍ୟନ୍ତ କଠିନ ପରିଶ୍ରମ କଲାପରେ ଯାଇ ଏହି ନୂତନ ପ୍ରକ୍ରିୟାରେ ସେ ଅଭ୍ୟସ୍ତ ହୋଇ ପାରିଥିଲ। ଦୁର୍ଘଟଣା ଘଟିବାର ପ୍ରାୟ ଆଠ ବର୍ଷ ପରେ ପାୟଲଙ୍କର ଏକ ନୂତନ ସୂର୍ଯ୍ୟୋଦୟ ହେବ, ଏହାକୁ କେହି ବିଶ୍ୱାସ କରି ପାରିନଥିଲେ।

୨୦୨୩ ଠାରୁ ବିଭିନ୍ନ ଜାତୀୟ ସ୍ତରର ପ୍ରତିଯୋଗିତାରେ ଯୋଗଦାନ କରି ସଫଳତା ହାସଲ କରିଛନ୍ତି । ୧୧-୧୨ ଜାନୁୟାରୀ ୨୦୨୫ ଜୟପୁର (ରାଜସ୍ଥାନ)ଠାରେ ଅନୁଷ୍ଠିତ ଷଷ୍ଠ ପାରା ତୀରନ୍ଦାଜ ପ୍ରତିଯୋଗିତା ଥିଲା ତାଙ୍କ ପ୍ରଥମ ପ୍ରତିଯୋଗିତା। ଏଥିରେ ତାଙ୍କ ସହଯୋଗୀ ଥିଲେ ଶୀତଲ ଦେବୀ ଓ ଜ୍ୟୋତି ବଲିୟାନ। ସେ ଉନ୍ନତ ପ୍ରଦର୍ଶନ କରି ଦୁଇଟି ସ୍ୱର୍ଣ୍ଣ ପଦକ ପାଇଥିଲେ ଓ ତାଙ୍କର ଆଦର୍ଶ ଓ ୨୦୨୪ ପାରା ଅଲିମ୍ପିଆନ ଶୀତଲ ଦେବୀଙ୍କୁ ପରାସ୍ତ କରିଥିଲ। ୨୩ ମାର୍ଚ୍ଚ ୨୦୨୫ରେ ଦ୍ୱିତୀୟ ଖେଲୋ ଇଣ୍ଡିଆ, ପାରା ଗେମ୍ସରେ ତୀରନ୍ଦାଜର କମ୍ପାଉଣ୍ଡ ରାଉଣ୍ଡରେ ରୋପ୍ୟ ପଦକରେ ପୁରସ୍କୃତ ହୋଇଥିଲ। ସେହିପରି ୨୦୨୬ରେ ପଟିଆଲା (ପାବ)ରେ ଅନୁଷ୍ଠିତ ସପ୍ତମ ଜାତୀୟ ପାରା ତୀରନ୍ଦାଜ ଖେଳରେ ଗୋଟିଏ ରୋପ୍ୟ ଓ ଗୋଟିଏ କାଂସ୍ୟ ପଦକରେ ସମ୍ମାନିତ ହୋଇଥିଲେ । ୭-୧୪ ଡିସେମ୍ବର ୨୦୨୫ ଦୁବାଇଠାରେ ଅନୁଷ୍ଠିତ ଏସିୟାନୟୁଥ୍ ପାରା ଗେମ୍ସରେ ୨୧ ବର୍ଷରୁ କମ୍ ମହିଳା ବର୍ଗର କମାଣ୍ଡ ଟିମ୍ ଇଭେଣ୍ଟରେ କାଂସ୍ୟ ପଦକ ପାଇଥିଲ। ୩୦ ମାର୍ଚ୍ଚରୁ ୪ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ବ୍ୟାଙ୍କକକ୍ (ଥାଇଲେଣ୍ଡ) ଠାରେ ଅନୁଷ୍ଠିତ ବିଶ୍ୱ ପାରା ତୀରନ୍ଦାଜ ସିରିଜ ପ୍ରତିଯୋଗିତାରେ ପାୟଲ ତାଙ୍କ ସଫଳତାର ଆଉ ଏକ ଇତିହାସ ସୃଷ୍ଟି କରିପାରିଛି। ସତେ ଯେପରି ୪ ଏପ୍ରିଲ ୨୦୨୬ ଥିଲା ଏ ଝିଅ ପାଇଁ ସ୍ୱର୍ଣ୍ଣିମ ଦିବସ ଓ ସେହି ଦିନ ବିଗତ ଦିନର ଚାମ୍ପିଅନ ଶୀତଲ ଦେବୀକୁ କମ୍ପାଉଣ୍ଡ ରାଉଣ୍ଡରେ (୧୩୯-୧୩୬) ପଏଣ୍ଟରେ ପରାସ୍ତ କରି ପ୍ରଥମ ସ୍ୱର୍ଣ୍ଣ




ପଦକ ହାସଲ କରି ବିଶ୍ୱର ସମସ୍ତ ପାରା ଆଥଲେଟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲ।

ଆଗକୁ ଅନେକ ସ୍ୱପ୍ନ ସାଇତି ରଖିଛନ୍ତି ପାୟଲ। ଟୋକିଓ ଏସିଆନ ପାରାଗେମ୍ସ ୨୦୨୬ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ତା ସଙ୍ଗେ ସଙ୍ଗେ ଖେଲୋ ଇଣ୍ଡିଆ ଗେମ୍ସକୁ ଏକ ପ୍ଲାଟଫର୍ମ ଭାବରେ ଗ୍ରହଣ କରି ପ୍ରସ୍ତୁତି ଆରମ୍ଭ କରିଛନ୍ତି। କିନ୍ତୁ ମୂଳ ଲକ୍ଷ୍ୟ ହେଲା ୨୦୨୮ ପାରା ଅଲମ୍ପିକ ଗେମ୍ସ। ପାୟଲ ନିଜ ଅନୁଭୁତିକୁ ପ୍ରକାଶ କରି କହିଛନ୍ତି, ସେ ଯେତେବେଳେ ଏକାଡେମୀରେ ଯୋଗଦାନ କଲେ ସମସ୍ତ ଅଥେଲେଟଙ୍କ ହାତ, ପାଦ ଅଛି ଓ ଧନୁକୁ ନିଜେ ଧରି ଅଭ୍ୟାସ କରୁଥିଲେ। ସେଥି ପାଇଁ ତାଙ୍କ ମନରେ ପ୍ରଶ୍ନ ଆସିଥିଲା। କିନ୍ତୁ କୂଲଦୀପ ସାରଙ୍କ ଉଦ୍ୟମରେ ତାଙ୍କର ପ୍ରଶିକ୍ଷଣରେ ସେ ଆଗକୁ ଯିବାର ଆଶା ସଂଚାର କରିଥିଲ। ସେ ୨୦୨୨ରୁ ପ୍ରଶିକ୍ଷଣ କେନ୍ଦ୍ରରେ ଯୋଗଦାନ ପରେ ଆଜି ସେ ସମସ୍ତ ଆଶାକୁ ସଫଳତାରେ ପରିଣତ କରିପାରିଛନ୍ତି। ଶୀତଲ ଦେବୀ, ପାରା ଅଲିମ୍ପିଆନ କହିଛନ୍ତି, ପାୟଲ ଯେତେବେଳେ ପ୍ରଥମ ତୀର ଚାଳନା କଲେ  ସେତେବେଳେ ପ୍ରଶ୍ନଥିଲା ସତରେ ସେ କରିପାରିବେ ଏବଂ ସେ ସଫଳତା ଅର୍ଜନ କରିପାରିଛନ୍ତି। ସେ ମୋର ସାନ ଭଉଣୀ ଭଳି ଓ ସେ ନିଶ୍ଚିତ ଭାବରେ ଦେଶର ସୁନାମ ଅର୍ଜନ କରିବେ। ବର୍ଷା ନାଗ, ପାଲୟର ବଡ ଭଉଣୀ ଯେ କି ଛାଇ ପରି ତାଙ୍କ ସାଥୀରେ  ପ୍ରଶିକ୍ଷଣ କରିବା ସମୟଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସହଯୋଗ କରି ଆସିଛନ୍ତି, ନିଶ୍ଚିତ ଭାବରେ ବର୍ଷାଙ୍କୁ ଅଭିନନ୍ଦନ।

ଓଡିଶା ସରକାର ମଧ୍ୟ ବିଭିନ୍ନ ସମୟରେ ଝିଅର ଉନ୍ନତି ପାଇଁ ଯଥା ବିଧି ସାହାଯ୍ୟ ପ୍ରଦାନ କରି ଆସିଛନ୍ତି । ୨୯ ମେ ୨୦୨୬ରେ ଓଡ଼ିଶା ସରକାରଙ୍କ ତରଫରୁ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ୫,୪୬,୬୬୦ ଓ ୩,୨୩,୧୦୦ଟଙ୍କା ଆର୍ଥିକ ସାହାଯ୍ୟ ଆଗାମୀ ଦିନରେ ପ୍ରସ୍ତୁତି ପାଇଁ ପ୍ରଦାନ କରିଛନ୍ତି। ଜିଲ୍ଲା ପ୍ରଶାସନ ବଲାଙ୍ଗୀର ତରଫରୁ ପାୟଲ ନାଗଙ୍କ ସଫଳତା ପାଇଁ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ମଧ୍ୟ ୧ ଜୁନ୍‌ରେ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରିଥିଲେ ଓ ଆଗାମୀ ପାରା ଏସିଆ କ୍ରୀଡା ଓ ପାରା ଅଲିମ୍ପିକର ପ୍ରସ୍ତୁତି ପାଇଁ ସମସ୍ତ ଆନୁସାଙ୍ଗିକ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲ। ପ୍ରବଳ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ମଣିଷକୁ ସଫଳତାର କେଉଁ ସ୍ତରକୁ ପହଞ୍ଚାଇ ପାରେ ପାୟଲ ନାଗ ଏକ ଜଳ ଉଦାହରଣ। ଏହି ଝିଅର ସଫଳତା ପାଇଁ ବଲାଙ୍ଗୀରବାସୀ ତଥା ସାରା ଓଡ଼ିଶା ଓ ଦେଶ ଆଜି ଗର୍ବିତ।

**ଭାରତୀୟ ଟେଲିଭିଜନ ଏବଂ ଓଟିଟି ଦୁନିଆର ପରିଚିତ ଅଭିନେତ୍ରୀ ଶ୍ୱେତା ତିୱାରୀ ଆଜି ବି ନିଜର ଦମଦାର ଅଭିନୟ, ବୋଲ୍ଡ ଅନ୍ଦାଜ ପାଇଁ ଫ୍ୟାନଙ୍କ ପାଖରେ ପରିଚିତ । ନିଜ ରିଅଲ ଲାଇଫରେ ଖୁବ ସଂଘର୍ଷ କରିଥିବା ଶ୍ୱେତା ଆଜିବି ଦର୍ଶକଙ୍କ ହୃଦୟରେ ରାଜ କରନ୍ତି ।**



# ଶ୍ୱେତାଙ୍କ କ୍ରେଜ

ଶ୍ୱେତା ତିୱାରୀ କ୍ୟାରିୟରର ଆରମ୍ଭ ଏକତା କାପୁରଙ୍କ ବହୁଚର୍ଚ୍ଚିତ ମେଗା ଧାରାବାହିକ 'କସୌଟୀ ଜିନ୍ଦଗୀ କୀ'ରେ 'ପ୍ରେରଣା ଶର୍ମା' ଚରିତ୍ରରୁ କରିଥିଲେ । ଏହି ଚରିତ୍ର ଜରିଆରେ ସେ ଦେଶର ପ୍ରତ୍ୟେକ ଘରେ ଘରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଏହି ଗୋଟିଏ ଶୋ' ତାଙ୍କୁ ଟେଲିଭିଜନ ଇଣ୍ଡଷ୍ଟ୍ରିରେ ସଫଳତାର ଶୀର୍ଷରେ ପହଞ୍ଚାଇ ଦେଇଥିଲା । ଏହାପରେ ସେ 'ବିଗ୍ ବସ୍ ସିଜନ୍ ୪'ରେ ଭାଗ ନେଇ ପ୍ରଥମ ମହିଳା ବିଜେତା ହେବାର ଗୌରବ ହାସଲ କରିଥିଲେ, ଯାହା ତାଙ୍କ ଲୋକପ୍ରିୟତାକୁ ଆହୁରି ଦ୍ୱିଗୁଣିତ କରିଦେଇଥିଲା । 'ପରବରିଶ୍', 'ବେଗୁସରାୟ' ଏବଂ 'ମେରେ ଦାଦା କି ଦୁଲହନ୍' ଭଳି ସଫଳ ଧାରାବାହିକ ଜରିଆରେ ସେ ନିଜର ଅଭିନୟ ଦକ୍ଷତା ପ୍ରମାଣିତ କରିବା ସହ ରିଆଲିଟି ଶୋ' 'ଖତରୋଁ କେ ଖିଲାଡ଼ି'ରେ ନିଜର ସାହସିକତାର ପରିଚୟ ମଧ୍ୟ ଦେଇଛନ୍ତି । ତେବେ ବୃତ୍ତିଗତ ଜୀବନରେ ବିପୁଳ ସଫଳତା ସାଉଁଟିଥିବା ଶ୍ୱେତାଙ୍କ ବ୍ୟକ୍ତିଗତ ଜୀବନ କିନ୍ତୁ ଅତ୍ୟନ୍ତ କଷ୍ଟକର ଓ ସଂଘର୍ଷମୟ । ମାତ୍ର ୧୯ ବର୍ଷ ବୟସରେ ରାଜା ଚୌଧୁରୀଙ୍କ ସହ ତାଙ୍କର ପ୍ରଥମ ବିବାହ ହୋଇଥିଲା, କିନ୍ତୁ ଘରୋଇ ହିଂସା ଓ ମାନସିକ ନିର୍ଯାତନା ଯୋଗୁଁ ୨୦୦୭ରେ ଏହି ସମ୍ପର୍କ ଭାଙ୍ଗିଯାଇଥିଲା । ଏହାପରେ ୨୦୧୩ରେ ସେ ଅଭିନେତା ଅଭିନବ କୋହଲିଙ୍କୁ ଦ୍ୱିତୀୟ ବିବାହ କରିଥିଲେ ମଧ୍ୟ ସେହି ସମ୍ପର୍କ ବି ଦୀର୍ଘସ୍ଥାୟୀ ହୋଇପାରିନଥିଲା । ଜଣେ ସିଙ୍ଗଲ ମଦର ଭାବେ ସେ ନିଜର ଦୁଇ ସନ୍ତାନ ଝିଅ ପଲକ ତିୱାରୀ ଏବଂ ପୁଅ ହ୍ରିଦାଂଶଙ୍କୁ ଅତ୍ୟନ୍ତ ସ୍ନେହ ଓ ଦାୟିତ୍ୱର ସହ ବଡ଼ କରିଛନ୍ତି । ସମୟ ସହ ତାଳ ଦେଇ ଶ୍ୱେତା ନିଜକୁ କେବଳ ଛୋଟ ପରଦାରେ ସୀମିତ ନରଖି ଓଟିଟି ଏବଂ ଫିଲ୍ମ ଜଗତକୁ ମଧ୍ୟ ସଫଳତାର ସହ ସମ୍ପ୍ରସାରିତ କରିଛନ୍ତି । ରୋହିତ ଶେଟ୍ଟୀଙ୍କ ଆକ୍ସନ୍ ୱେବ୍ ସିରିଜ୍ 'ଇଣ୍ଡିଆନ୍ ପୋଲିସ୍ ଫୋର୍ସ'ରେ ତାଙ୍କର ଦମଦାର ଅଭିନୟ ବେଶ୍ ପ୍ରଶଂସିତ ହୋଇଥିଲା । ବର୍ତ୍ତମାନ ସେ ଆମାଜନ୍ ପ୍ରାଇମ୍ ଭିଡିଓର ବହୁଚର୍ଚ୍ଚିତ ରିଆଲିଟି ଗେମ୍ ଶୋ' 'ଦି ଟ୍ରେଟର୍ସ ସିଜନ୍ ୨'କୁ ନେଇ ସାରା ଦେଶରେ ଜୋରଦାର ଲାଇମ୍‌ଲାଇଟ୍‌ରେ ଅଛନ୍ତି । ୪୦ ବର୍ଷରୁ ଅଧିକ ବୟସରେ ମଧ୍ୟ ନିଜର ଫିଟନେସ୍, ଚମତ୍କାର ଷ୍ଟାଇଲ୍ ଏବଂ ଜୀବନ୍ତ ଅଭିନୟ ବଳରେ ଶ୍ୱେତା ପ୍ରମାଣିତ କରିଛନ୍ତି ଯେ ବୟସ କେବଳ ଏକ ସଂଖ୍ୟା ମାତ୍ର ।